ଛନ୍ଦ ଚନ୍ଦ୍ରିକା

ଉତ୍ସର୍ଗ ପତ୍ର

ଗଞ୍ଜାମରେ କଲକ୍ଟର ହେଲା ସମୟରେ ୧୯୧୯ ସାଲରେ ଘୁମୁସର ରାଜ୍ୟର ନିଃସହାୟ ପ୍ରଜାଗଣଙ୍କୁ ଯେ ଦୁର୍ଦ୍ଦାନ୍ତ ଦୁର୍ଭିକ୍ଷ କରାଳ କବଳରୁ ଉଦ୍ଧାର କରିଥିଲେ, ଯେ କଙ୍କାଳ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପ୍ରାଣଦାନ ଦେଇଥିଲେ, ଯେ ନ୍ୟାୟର ବଶବର୍ତ୍ତୀ ହୋଇ ଉତ୍କଳମାନଙ୍କର ହିତ ସାଧନରେ ସତତ ବ୍ରତ ଥିଲେ, ଯାହାର ଶାସନରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହେଉ ନଥିଲା ଏବଂ ଯେ ବିଦ୍ୟାନୁରାଗୀ ସେହି ପରମ ପୂଜନୀୟ C. B. Cotterel Esquire C I E, I C S ମହାତ୍ମାଙ୍କ ପବିତ୍ର ନାମରେ ଲେଖକ ଏହି ପୁସ୍ତକ ବିନମ୍ର ସହକାରେ ଉତ୍ସର୍ଗ କଲା

ବ୍ରହ୍ମପୁର
୧୧-୮-୧୯୨୧

ବିନୟାବନତ
ଅପର୍ଣ୍ଣା ପଣ୍ଡା

Digitized by srujanika@gmail.com

ଭୂମିକା

କବି ରଘୁନାଥ ପରୀଛା ତାହାଙ୍କ ପ୍ରଣୀତ 'ଲକ୍ଷଣ ଗ୍ରନ୍ଥର' ଅଷ୍ଟମ ଅଧ୍ୟାୟରେ ସଙ୍ଗୀତ ନାରାୟଣ ଗ୍ରନ୍ଥର ବୃତ୍ତମାନଙ୍କ ଅନୁସାରେ ଓଡ଼ିଆ ଛନ୍ଦମାନ ସିଧାରେ ସଂସ୍କୃତରୁ ଆସିଅଛି ବୋଲି ଯାହା ଲେଖିଅଛନ୍ତି ତାହା କଦାପି ସତ୍ୟ ନୋହେ । ଏହି ସମ୍ବନ୍ଧେ ସେ ଯେଉଁ ପରିଶ୍ରମ ନେଇ ଅଛନ୍ତି ତାହା ଊଷର ଭୂମିରେ ବୀଜ ବପନ କଲା ନ୍ୟାୟ ବ୍ୟର୍ଥ ହେଲା ।

ସଂସ୍କୃତ ଛନ୍ଦରୁ, ପ୍ରାଚୀନ ପ୍ରାକୃତ ଛନ୍ଦ, ପ୍ରାଚୀନ ପ୍ରାକୃତ ଛନ୍ଦରୁ ଓଡ଼ିଆ, ଓଷାଗୀତ ଓ ବୋଲଗୀତ ଏବଂ ଏହି ଦୁଇ ପ୍ରକାରରୁ ଓଡ଼ିଆ ଛନ୍ଦମାନ ଆସିଅଛି ବୋଲି ଅମ୍ଭେ ଛନ୍ଦ ନିୟମ ଗ୍ରନ୍ଥର ଆରମ୍ଭରେ ବିଶଦଭାବରେ ଲେଖିଅଛୁଁ । ଓଡ଼ିଆ ବୃତ୍ତମାନଙ୍କ ବିଷୟରେ କବି ରଘୁନାଥ ପରୀଛା ଯେଉଁ ଉଦାହରଣମାନ ଦେଇଅଛନ୍ତି ସେଗୁଡ଼ିକ ତାହାଙ୍କ କପୋଳକଳ୍ପିତ, ସେହି ଉଦାହରଣମାନଙ୍କରେ ଓଡ଼ିଆ ଭାଷା ନାହିଁ ବୋଲି କହିଲେ କେହି ଅସ୍ୱୀକାର କରିବେ ନାହିଁ ।

ଅମ୍ଭେ ପ୍ରାଚୀନ କବିଗଣ-ପ୍ରଣୀତ ବୃତ୍ତମାନଙ୍କ ସହିତ ତାହାଙ୍କ ଗୀତମାନ ତୁଳନା କରି ଦେଖିଲୁ ଯେ ତନ୍ମଧ୍ୟରୁ ଗୋଟିଏ ଛନ୍ଦ ହେଲେ ସରି ହେଲାନାହିଁ ।

ପାଠକମାନଙ୍କ ବୋଧସକାଶ ଛନ୍ଦ ନିୟମ ଗ୍ରନ୍ଥର (Appendix A) ରେ ସେସବୁ ଦେଖାଇ ଦେଇଅଛୁଁ ।

'ଛନ୍ଦ ନିୟମ' ଗ୍ରନ୍ଥରେ ଯେଉଁ ବୃତ୍ତମାନ ଉପେକ୍ଷିତ ହୋଇଅଛି ସେହି ସବୁ ଉତ୍କଳ ସାହିତ୍ୟର ଇତିହାସର ପ୍ରଥମ ଭାଗରେ ପ୍ରାପ୍ତ ହୋଇପାରିବ । ଏହି ପୁସ୍ତକ ଅମ୍ଭେ ବହୁଦିନପୂର୍ବେ ଶେଷ କରି ଧନାଭାବରୁ ପ୍ରକାଶ କରି ନପାରି ଚିନ୍ତିତ ଥିଲୁଁ । ଅବସରରେ ଅମ୍ଭର ପରମବନ୍ଧୁ ରାୟବାହାଦୁର ଶ୍ରୀ ପରଶୁରାମ ପାଢ଼ି B.A.B.L High court vakil. ପରମ ସନ୍ତୋଷରେ ଉତ୍କଳ ସାହିତ୍ୟର ଇତିହାସ ନାମକ ଏ ଗ୍ରନ୍ଥର ସମସ୍ତ ମୁଦ୍ରଣ ବ୍ୟୟ ବହନ କରି ସକଳ ଉତ୍କଳ ବର୍ଗଙ୍କ ଆନ୍ତରିକ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଅମ୍ଭେ ବିଶେଷତଃ ତାହାଙ୍କ ଦ୍ୱାରା ଉପକୃତ ହେବାରୁ ତାହାଙ୍କୁ ଅମ୍ଭ ହୃଦୟର ଗଭୀରତମ ସ୍ଥାନରୁ ଧନ୍ୟବାଦାର୍ପଣ କରୁଅଛୁଁ ।

ଏହି ଇତିହାସ ଲେଖିବା ସମୟରେ ଭକ୍ତିଭାଜନ ସ୍ୱର୍ଗୀୟ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁଙ୍କ ପ୍ରଣୀତ ପ୍ରବନ୍ଧାବଳୀରୁ ଏବଂ ଶ୍ରୀ ତାରିଣୀଚରଣ ରଥଙ୍କ ପ୍ରଣୀତ ଉତ୍କଳ ସାହିତ୍ୟର ଇତିହାସରୁ ଆଶାତୀତ ସାହାଯ୍ୟ ପାଇଥିବାରୁ ଅମ୍ଭେ ଉଭୟ ମହାତ୍ମାଙ୍କ ନିକଟରେ କୃତଜ୍ଞତା ସ୍ୱୀକାର କରୁଅଛୁଁ ।

Digitized by srujanika@gmail.com

ପାଠକମାନଙ୍କଠାରେ ନତମସ୍ତକରେ ଜଣାଉଅଛୁ ଏହିଯେ ଇତିହାସର ପ୍ରଥମ ଓ ଦ୍ୱିତୀୟ ଭାଗରେ ଯେଉଁ ଅଭାବ, ଦୋଷ ତ୍ରୁଟି ଏବଂ ଅଶୁଦ୍ଧିମାନ ଥିଲା ସେମାନେ ଦୟାପୂର୍ବକ ଦେଖାଇଦେଲେ ଦ୍ୱିତୀୟ ସଂସ୍କରଣରେ ସେଗୁଡ଼ିକ ମାର୍ଜନ କରିଦେବୁ ।

ଅଥଣ୍ଡା ପଣ୍ଡା

Digitized by srujanika@gmail.com

ଛନ୍ଦ ଚନ୍ଦ୍ରିକା

ପ୍ରଥମଭାଗ

(କ)

ପଦ୍ୟଚର୍ଚ୍ଚା

ପଦ୍ୟରଚନା ଅତୀବ କଷ୍ଟ । ଏହା ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିବେ। କାରଣ ଏଥିରେ ଅନେକ ନିୟମ ଥାଏ । ଉତ୍ତମରୂପେ ଉକ୍ତ ନିୟମଗୁଡ଼ିକ ରକ୍ଷିତ ନହେଲେ ପଦ୍ୟ ରଚନା ହୋଇ ନପାରେ ।

ସଂସ୍କୃତ ଭାଷାରେ ଗଣ ନିୟମ ଓ ଯତିପାତ ପ୍ରଧାନ । ପ୍ରାଚୀନ ପ୍ରାକୃତ ଭାଷାରେ ମାତ୍ରା ନିୟମ ଯତିପାତ ଓ ମିତାକ୍ଷର ନିୟମ, ଆଧୁନିକ ପ୍ରାକୃତ ଭାଷା-ମାନଙ୍କରେ ଯଥା ଉତ୍କଳ, ବଙ୍ଗ ଏବଂ ହିନ୍ଦୀରେ ଯତି ଓ ମିତାକ୍ଷର ନିୟମ କେବଳ ପ୍ରଧାନ ଅଟେ। ଭାରତରେ ଯେଉଁ ଅନ୍ୟ ଭାଷାମାନ ଅଛି ସେମାନଙ୍କରୁ ଅଧିକାଂଶ ଭାଷା ଏହି ସଂସ୍କୃତ-ଭାଷା ନିୟମର ଅନ୍ତର୍ଭୁକ୍ତ । ମୋର ଜାଣିବାରେ ବଙ୍ଗ ଓ ହିନ୍ଦୀ ଭାଷାପେକ୍ଷା ଉତ୍କଳ ଭାଷାରେ ଅନେକ ପ୍ରକାର ଛନ୍ଦର ପଦ୍ୟ ରଚନା ଅଛି, ତନ୍ମଧ୍ୟରେ ପ୍ରଥମତଃ ପ୍ରତ୍ୟେକ ପାଦ ସାତ ଅକ୍ଷର, ଦୁଇପାଦ ବିଶିଷ୍ଟ ପଦ୍ୟ ଦୃଷ୍ଟି ହୋଏ, ଏବଂ ପରେ ସାତ ଅକ୍ଷରଠାରୁ କ୍ରମଶଃ ଊନତ୍ରିଂଶାକ୍ଷର ପର୍ଯ୍ୟନ୍ତ ପ୍ରଥମ ପାଦ ହୋଇ ଥିବା ପଦ୍ୟମାନ ଅନେକ କାଳାବଧି ଉତ୍କଳ ଭାଷାରେ ପରିଦୃଷ୍ଟ ହୁଅନ୍ତି, ମାତ୍ର ବଙ୍ଗ ଓ ହିନ୍ଦୀ ଭାଷାରେ ଚତୁର୍ଦ୍ଦଶାକ୍ଷରୀ, ଲଘୁତ୍ରିପଦୀ ଓ ଗୁରୁତ୍ରିପଦୀ, ଏହି ପଦ୍ୟମାନ ମାତ୍ର ଦେଖାଯାଉଅଛି । ଇଂରାଜୀ ଭାଷାରେ ମଧ୍ୟ ପଦ୍ୟ ରଚନାରେ 'ମିଟର' ରକ୍ଷିତ ହୋଏ—ଯଥା ଟ୍ରାଇମିଟର, ଟେଟ୍ରାମିଟର ପ୍ରଭୃତି, ଉକ୍ତ ଭାଷା-ମାନଙ୍କର ପଦ୍ୟ-ରଚନା ନିୟମମାନ ଦେଖିଲେ, ପୃଥିବୀର ଅନ୍ୟ ଭାଷାମାନଙ୍କର ପଦ୍ୟ-ରଚନା ନିୟମିତ ବୋଲି ଅଲୋଚିତ ହୋଏ । ପଦ୍ୟ ରଚନାରେ ଏହିପରି କଠିନ ନିୟମମାନ ଥିଲେ ମଧ୍ୟ, ପ୍ରାଚୀନ କାଳର ପ୍ରତିଭାଶାଳୀ ବ୍ୟକ୍ତିମାନେ ଏହି ସମସ୍ତ କଷ୍ଟ ସହ୍ୟ କରି ପଦ୍ୟ-ରଚନାରେ ବ୍ରତୀ ହୋଇଥିଲେ । ମାତ୍ର ପଦ୍ୟାପେକ୍ଷା ଗଦ୍ୟରେ ଯେଉଁ ସୁନ୍ଦର, ମନମୁଗ୍ଧକର ଭାବଗୁଡ଼ିକ ସରଳ ଏବଂ ସହଜରେ ପରିବ୍ୟକ୍ତ ହୋଇଥାନ୍ତି। ସେହି ଭାବଗୁଡ଼ିକ ଗଦ୍ୟରେ ନଲେଖି ପ୍ରତିଭାଶାଳୀ ବ୍ୟକ୍ତିଗଣ ଅନେକ କଷ୍ଟ ସହ୍ୟ କରି ପଦ୍ୟରେ ଲେଖନ୍ତି । ଏଥିରେ କୌଣସି ପ୍ରଧାନ କାରଣ ଥିବ, ତାହା ନହେଲେ ସେମାନେ ଏତେ କଷ୍ଟ ସହ୍ୟ କରି କଦାପି ପଦ୍ୟ-ରଚନାରେ ବ୍ରତୀ ହୋଇ ନଥାନ୍ତେ। ତାହାର କାରଣ ଅନୁସନ୍ଧାନ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

Digitized by srujanika@gmail.com

ପଦ୍ୟ ନିୟମବଦ୍ଧ ହୋଇଥିବା ଯୋଗୁଁ ନିୟମାନୁସାରେ ଉଚ୍ଚାରିତ ହୋଏ । ସେହିପରି ଉଚ୍ଚାରଣରେ ସଙ୍ଗୀତ ଥାଏ, ସଙ୍ଗୀତ ହେତୁଁ ପ୍ରତ୍ୟେକ ବ୍ୟକ୍ତି ଶୁଣିବାକୁ ଇଚ୍ଛାକରେ, ଶୁଣିବା ମାତ୍ରକେ ତହିଁରେ ଯେଉଁ ଭାବଗୁଡିକ ସଂଲଗ୍ନ ଥାଏ ସେ ସମସ୍ତ ଶ୍ରୋତାଙ୍କ ହୃଦ୍‌ଗତ ହୋଏ । ଯେବେ ଶ୍ରୋତାଗଣ ଉକ୍ତ ଭାବଗୁଡିକ ମନେ ରଖିବାକୁ ଇଚ୍ଛା କରନ୍ତି ତେବେ ପଦ୍ୟଟି ବାରମ୍ବାର ଆବୃତ୍ତି କରି ଭାବଗୁଡିକ ଆଜୀବନ ମନେ ରଖନ୍ତି । ଏତିକି ମାତ୍ର ନୋହେ, ଏହା ଅପେକ୍ଷା ଅଧିକ ଗୁରୁତର କାର୍ଯ୍ୟ ପଦ୍ୟ-ରଚନାରେ ସମ୍ପାଦିତ ହେଉଅଛି ।

ପଦ୍ୟରେ ସଙ୍ଗୀତ ଥିବା ଯୋଗୁଁ ପଦ୍ୟଟି ଯେଉଁ ରସରେ ରଚିତ ହୋଇ ଥାଏ, ସେହି ରସ ଶ୍ରୋତାର ହୃଦ୍‌ଗତ ହେବା ମାତ୍ରକେ ମନ ଉଦ୍ରେକ ଏବଂ ଉତ୍ତେଜିତ ହୋଏ । ଶୁଣିବା ପ୍ରଥମେ ଯଦି ମନ ଉତ୍ତେଜିତ ହୋଇ ନପାରେ ପଦ୍ୟଟି ପୁନରାବୃତ୍ତି କରିବାକୁ ହୋଏ, ପୁନରାବୃତ୍ତି ଦ୍ୱାରା ମନ ପଦ୍ୟଗତ ରସରେ ସିକ୍ତ ହେଲେ ଅବଶ୍ୟ ଉତ୍ତେଜିତ ହୋଏ, ମନ ଉତ୍ତେଜିତ ହେଲେ ପଦ୍ୟର ଭାବଗୁଡିକ କାର୍ଯ୍ୟରେ ପରିଣତ ହୋଏ, ପଦ୍ୟ ପାଠ କଲେ ଯଦି ତାହାର ଭାବଗୁଡିକ ଜ୍ଞାତ ନହୋଏ ଅଭିନୟ ଦ୍ୱାରା ଅର୍ଥାତ୍ ମୁଖ ବିକାର ଓ ଅଙ୍ଗ ଚାଳନ ଦ୍ୱାରା ପଦ୍ୟର ଭାବ ବ୍ୟକ୍ତ ହୋଏ । ପଦ୍ୟର ଭାବ ବ୍ୟକ୍ତ ହେଲେ ରସଜ୍ଞମାନଙ୍କ ମନ ଆନନ୍ଦ ବା ଶୋକରେ ଅଭିଭୂତ ବା ଉତ୍ତେଜିତ ହୋଏ । ଆନନ୍ଦ ବା ଶୋକରେ ମନ ଉତ୍ତେଜିତ ହେବାରୁ ଲୋକେ ପଦ୍ୟ ସହଜେ ଶିକ୍ଷା କରିପାରନ୍ତି । ପ୍ରଧାନତଃ ଏହି କାରଣମାନଙ୍କ ହେତୁ ଆଉ ମଧ୍ୟ ଅନ୍ୟାନ୍ୟ କାରଣମାନଙ୍କ ହେତୁ ପୃଥିବୀର ଅଧିକାଂଶ ପ୍ରତିଭାଶାଳୀ ବ୍ୟକ୍ତିଗଣ, ଧର୍ମ, ନୀତି, ଭୂଗୋଳ, ଇତିହାସ, ଦର୍ଶନ, ବିଜ୍ଞାନ ପ୍ରଭୃତି ଅନ୍ୟାନ୍ୟ ବିଷୟମାନ ଲୋକମାନଙ୍କ ସହଜ ଶିକ୍ଷା ନିମନ୍ତେ କଷ୍ଟ ସହ୍ୟ କରି ପଦ୍ୟରେ ରଚନା କରନ୍ତି ।

ଅନୁଭବରେ ଦେଖନ୍ତୁ, ପଦ୍ୟ-ରାଜ୍ୟରେ ଥାଇ ଆମ୍ଭେମାନେ ଯେତେ ଜ୍ଞାନ ସମ୍ପାଦନ କରିଅଛୁଁ ଏବଂ ଯେତେ ଶୀଘ୍ର ନୂତନ ବିଷୟ ଗୁଡିକ ଶିକ୍ଷା କରୁ ଅଛୁଁ, ଗଦ୍ୟ ରାଜ୍ୟରେ ଆମ୍ଭେମାନେ ସେ ସମସ୍ତ ଶିକ୍ଷା କରି ନପାରୁ । ପଦ୍ୟରେ ଗୋଟିଏ ମହତ ଶକ୍ତି ଅଛି, ସେ ମନୁଷ୍ୟମାନଙ୍କୁ ସ୍ମରଣଶକ୍ତି ଦେବା ବିଚିତ୍ର ନୋହେ ମାତ୍ର ପକ୍ଷୀଗଣଙ୍କୁ ମଧ୍ୟ ଅତି ସୁନ୍ଦର ରୂପେ ସ୍ମରଣ ଶକ୍ତି ପ୍ରଦାନ କରେ । ପଦ୍ୟ ରଚନା ଗୋଟିଏ କଣ୍ଟକାକୀର୍ଣ୍ଣ ଦୁର୍ଗମପଥ ସତ୍ୟ ମାତ୍ର ଏଥିରେ ରସୋଦୟ ଶୀଘ୍ର ହେବାରୁ ମନୁଷ୍ୟମାନଙ୍କ ମନ ଆନନ୍ଦିତ, ଉତ୍ସାହିତ, ଉଲ୍ଲସିତ, ଉତ୍ତେଜିତ ବା ବ୍ୟାକୁଳିତ ରସାନୁସାରେ ହୋଏ । ଏଣୁ ପ୍ରତିଭାଶାଳୀ ବ୍ୟକ୍ତିମାନେ ସାଧାରଣତଃ ପଦ୍ୟ ରଚନାରେ ବ୍ରତୀ ହୁଅନ୍ତି । ଲୋକେ ସର୍ବଦା ଏହି ପଥରେ ପଥିକ ହେବା ହେତୁଁ

Digitized by srujanika@gmail.com

ପଥଟି ସଙ୍କୀର୍ଣ୍ଣ ହୋଇଅଛି । ସାଧାରଣ ଲୋକେ ମଧ୍ୟ ଗଦ୍ୟ ପ୍ରତି ଦୃକ୍‌ପାତ ନକରି ପଦ୍ୟ ରଚନାରେ ବ୍ରତ ହେଉଥିବାରୁ ପଦ୍ୟାପେକ୍ଷା ଗଦ୍ୟ-ରଚନା ସୁଲଭ ମାର୍ଗ ହେଲେ ମଧ୍ୟ ଏଥିରେ ଲୋକମାନଙ୍କ ଗମନାଗମନ ନଥିବା ଯୋଗୁଁ ପଥଟି କଣ୍ଟକାକୀର୍ଣ୍ଣ ଏବଂ ତୃଣାଚ୍ଛାଦିତ ହୋଇଅଛି । ଅତଏବ ଏଥିରେ ଲୋକେ ପଥିକ ହେବାକୁ କଷ୍ଟ ବୋଧ କରନ୍ତି ।

ବହୁତ ମଧୁର ପଦାର୍ଥ ଖାଇଲେ, ଯେପରି ଅମ୍ଳ ପଦାର୍ଥ ଖାଇବାକୁ ପ୍ରବୃତ୍ତି ଜନ୍ମେ, ସେହିପରି ପଦ୍ୟ ରଚନାରେ ଅନେକ ଦିନ ରତ ହେବା ଯୋଗୁଁ, ଗଦ୍ୟ ଲେଖିବାକୁ ଲୋକମାନଙ୍କ ମନ ବଳିଲା ପରି ଅନୁମିତ ହେଉଅଛି । ଗଦ୍ୟୋଦୟର ସ୍ଥୂଳ କାରଣ ଏଠାରେ ପ୍ରଦତ୍ତ ହୋଇଅଛି । ଗଦ୍ୟର ଚର୍ଚ୍ଚା ସମୟରେ ତତ୍ସମ୍ବନ୍ଧୀୟ ପ୍ରଧାନ କାରଣମାନ ପ୍ରଦତ୍ତ ହେବ ।

ପଦ୍ୟାରମ୍ଭ

ଅସ୍ମେମାନେ ଯାହାଦ୍ୱାରା ଉପକୃତ ହେଉଁ ତାହାର ମଙ୍ଗଳଲାଗି ଈଶ୍ୱରଙ୍କ-ଠାରେ ସ୍ତୁତି ନତୁବା ତାହାଙ୍କ ପ୍ରଶଂସା କରିବାଲାଗି ଖଣ୍ଡିଏ ପଦ୍ୟ ରଚନା କରୁଁ । ଏହିକଥାଟି ପୃଥିବୀସ୍ଥ ସମସ୍ତଙ୍କ ହୃଦୟରେ ଅଳ୍ପ ପର୍ଯ୍ୟନ୍ତ ସ୍ଥାନନେଇଅଛି । ଏହା ପ୍ରତ୍ୟେକ ଲୋକ ନିଷ୍କଳଙ୍କ ଏବଂ ଅକୃତ୍ରିମ ହୃଦୟରେ ସ୍ୱୀକାର କରିବେ । ପ୍ରତ୍ୟେକ ଜାତିର ଗୋଟିଏ ଭାଷା ଅଛି । ପ୍ରତ୍ୟେକ ପ୍ରାଥମିକାବସ୍ଥାରେ ଉଦ୍‌ଭିଦ ଏବଂ ଅପକ୍ୱ ବନ୍ୟମୃଗ ମାଂସ ଭୋଜନ କରିବା ହେତୁରୁ ବୃକ୍ଷ ଏବଂ ବନ୍ୟ ମୃଗନିବାସୀ ପର୍ବତ-ମାନଙ୍କପ୍ରତି କୃତଜ୍ଞତା ସହ ସ୍ତୁତି କରିବାଲାଗି ପଦ୍ୟରଚନା କରନ୍ତି । ସେମାନେ ଯେଉଁ ସମୟରେ ଗୋ, ବା, ଛାଗ ପୋଷି ସେମାନଙ୍କ ପ୍ରାଣ ରକ୍ଷାର୍ଥେ ତୃଣମୟ ସ୍ଥାନରେ ସଞ୍ଚାର କରନ୍ତି ସେହି ସମୟରେ ଗୋ ବା ଛାଗ ଏବଂ ତୃଣମୟ ଭୂମି ସମ୍ବନ୍ଧେ କବିତା ଲେଖନ୍ତି ।

କ୍ଷେତ କର୍ଷଣ କରି ତତ୍‌ଜାତ ପଦାର୍ଥରେ ଜୀବନ ପୋଷିବା ସମୟରେ ତତ୍ସମ୍ବନ୍ଧେ ଆକାଶ, ଜଳ, ଅଗ୍ନି ବା ଉତ୍ତାପ, ବାୟୁ ଓ ଭୂମି ଉପଲକ୍ଷେ ଏବଂ ସେମାନଙ୍କ ଅଧିଦେବତାମାନଙ୍କ ଉପଲକ୍ଷେ ଲୋକେ କବିତା ଲେଖନ୍ତି ।

ଚତୁର୍ଥାବସ୍ଥାରେ ଯେବେ ଦେଶ ପର୍ଯ୍ୟଟନ କରି ବାଣିଜ୍ୟ କରନ୍ତି ସେମା-ନଙ୍କ ଗତାଗତ କେବେ ଜଳଦେଇ ଏବଂ କେବେ ସ୍ଥଳ ଦେଇ ହୋଏ । ସେହି ସମ-ୟରେ ପ୍ରକୃତ ଏବଂ କୃତ୍ରିମ ପଦାର୍ଥମାନଙ୍କ ଉପଲକ୍ଷେ ରଚନା କରନ୍ତି ।

ଅବଶେଷରେ ପ୍ରକାଣ୍ଡ ବ୍ରହ୍ମାଣ୍ଡ, ତଦସ୍ଥ ପଦାର୍ଥମାନ ଏବଂ ଆକାଶଗାମୀ ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନ, ଦିବାରାତ୍ରିର ଘଟନା, ବର୍ଷା ସମୟର ଆକାଶର

Digitized by srujanika@gmail.com

ଭିନ୍ନ ଭିନ୍ନ ବର୍ଣ୍ଣ, ଆକାଶରେ ମେଘର ଆବର୍ତ୍ତ, ତଦୁପରି ବିଦ୍ୟୁତ୍‌ରେଖା, ବର୍ଷାଗମ, ବର୍ଷାକାଳର ଆକାଶରେ ବିବିଧବର୍ଣ୍ଣାଲଂକୃତ ଇନ୍ଦ୍ର-ଧନୁର ଆବିର୍ଭାବ, ଭୂମି ବା ସୂର୍ଯ୍ୟଙ୍କ ଗତିରେ କାଳପରିବର୍ତ୍ତନ ଏବଂ ଅନ୍ୟାନ୍ୟ ବିଚିତ୍ର ବିଷୟମାନ ଅବଲୋକନ କରି ତଦୁପଲକ୍ଷେ କବିତା ଲେଖନ୍ତୁ, ଏବଂ ଯେ, ଖଗୋଳ ଓ ଭୂଗୋଳ ଏବଂ ତତ୍‌ସ୍ଥ ପଦାର୍ଥମାନ ସର୍ଜନା କରିଅଛନ୍ତି, ଯେ ଚକ୍ଷୁକୁ ଦର୍ଶନ ଶକ୍ତି, ନାସିକାକୁ ଆଘ୍ରାଣ ଶକ୍ତି, ଶ୍ରୋତ୍ରେନ୍ଦ୍ରିୟକୁ ଶ୍ରବଣ ଶକ୍ତି, ରସନାକୁ ରସାସ୍ୱାଦନ ଶକ୍ତି, ଓ ତ୍ୱଗିନ୍ଦ୍ରିୟକୁ ସ୍ପର୍ଶ-ଜ୍ଞାନ ଶକ୍ତି ପ୍ରଦାନ କରିଅଛନ୍ତି ସେହି ପରମାନନ୍ଦ ଜଗଦାଧାର ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ଉପଲକ୍ଷେ କବିତା ଲେଖନ୍ତୁ । ଏହିପରି କ୍ରମଶଃ ପଦ୍ୟାରମ୍ଭ ହୋଏ ।

ପଦ୍ୟାଭିବର୍ଦ୍ଧନ

ଖେଚର, ଭୂଚର, ଜଳଚର, ଏବଂ ଜଳ, ଭୂମି ଓ ଆକାଶସ୍ଥିତ ଜଡ଼ପଦାର୍ଥ ଏମାନଙ୍କ ବାହ୍ୟ ଓ ଆନ୍ତରିକ ଗୁଣ ବର୍ଣ୍ଣନା କରନ୍ତୁ ।

ପ୍ରାଣୀମାନଙ୍କ ଜୀବନ ରକ୍ଷାର୍ଥେ ଯେଉଁ ଯେଉଁ ସାଧନମାନ କର୍ତ୍ତବ୍ୟ ସେ ସମସ୍ତ ଲେଖନ୍ତୁ । ପୀଡ଼ାରୁ ଶାନ୍ତି ପାଇବା ପ୍ରକାଶ ଅନୁଭବ ଦ୍ୱାରା ଉପାର୍ଜ୍ଜନ, ବିଷାର୍ଜ୍ଜନ, ଏବଂ ଉଦ୍‌ଭିଦମାନଙ୍କ ନାମ ଉଲ୍ଲେଖ କରନ୍ତୁ ।

କୃଷି, ବାଣିଜ୍ୟ, ଓ ଦେଶପର୍ଯ୍ୟଟନ ଏମାନଙ୍କ ସାଧନ ଅଉ ଲାଭ ଉଲ୍ଲେଖ କରନ୍ତୁ । ସମ୍ପତ୍ତି ରକ୍ଷାର୍ଥେ ସୈନ୍ୟ ସଂଗ୍ରହ ଏବଂ ଶତ୍ରୁମାନଙ୍କୁ ପୀଡ଼ାଦେବା ପ୍ରକାଶ ସକଳ ପ୍ରକାର ସାଧନମାନ ଉଲ୍ଲେଖ କରନ୍ତୁ । ସ୍ୱାଧୀ ରାଜ୍ୟର ଚତୁର୍ଦ୍ଦିଗର ସୀମା, ତତ୍‌ସ୍ଥ ନଦୀ ଓ ପର୍ବତ, ଦେଶର ଖନିଜ ଓ ଉପଜାତ ପଦାର୍ଥ, ସେଠା ଲୋକଙ୍କ ରୀତି, ନୀତି, ବାଣିଜ୍ୟର ଅଭିବୃଦ୍ଧି, ବିଦେଶାଗତ ଦ୍ରବ୍ୟ, ଏବଂ ସେଠା ପ୍ରଧାନ ନଗର ଓ ବନ୍ଦର ସ୍ଥାନ ଉଲ୍ଲେଖ କରନ୍ତୁ ।

ପ୍ରତ୍ୟେକ ପଦାର୍ଥର ତତ୍ତ୍ୱାବଧାରଣ, ଭୂମି, ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ର ଏମାନଙ୍କ ଗତି ନିରୂପଣ ଏବଂ ଏମାନଙ୍କ ବିଷୟ ତତ୍ତ୍ୱାନୁସନ୍ଧାନ, ମେଘୋଦୟ, ବର୍ଷାଗମ ଏବଂ ଜ୍ୟୋତିର୍ମୟ ଇନ୍ଦ୍ରଧନୁର ଆବିର୍ଭାବ ଏହିପରି ନାନାବିଧ ପଦାର୍ଥମାନଙ୍କ ଭିତ୍ତି, କେତେକ ଅନୁଭବଦ୍ୱାରା ଏବଂ ଅଉ କେତେକ ଅନୁମାନ ଦ୍ୱାରା ଉଲ୍ଲେଖ କରନ୍ତୁ । ଗୃହନିର୍ମାଣ, ମନ୍ଦିର, ଅଟ୍ଟାଳିକା, ପ୍ରାସାଦ ଓ ପାଠଶାଳା ନିର୍ମାଣବୃତ୍ତୋପକରଣ, ମନୁଷ୍ୟୋପଯୋଗୀ ଉପକରଣମାନଙ୍କ ଉଦ୍‌ଭାବନ ଓ ନିର୍ମାଣ, ରାଜା ଓ ପ୍ରଜା ସମ୍ବନ୍ଧେ ନିୟମାବଳୀ, ଧନୋପାର୍ଜ୍ଜନ, ଭୂକ୍ତିବିଦ୍ୟା, ଧନସଞ୍ଚୟ, ବ୍ୟୟସଙ୍କୋଚର

Digitized by srujanika@gmail.com

ନିୟମାବଳି, ପୃଥିବୀ ଓ ଗଗନସ୍ଥ ପଦାର୍ଥମାନଙ୍କ ସମ୍ପର୍କ, ବୃକ୍ଷାରୋପଣ, ବୃକ୍ଷ-ପାଳନ, ଓ ବୃକ୍ଷାଭିବର୍ଦ୍ଧନ, ଲଘୁ ପଦାର୍ଥ ପ୍ରତି ଗୁରୁ ପଦାର୍ଥର ଆକର୍ଷଣଶକ୍ତି, ପରିବାର ମଧ୍ୟେ ସ୍ତ୍ରୀ ପ୍ରଶଂସା, ସ୍ୱାସ୍ଥ୍ୟରକ୍ଷା, ଗୁଣ ବା ବୃତ୍ତ୍ୟନୁସାରେ ଜାତି ଭେଦ, ଓ ସେମାନଙ୍କ ଧର୍ମାଚରଣ, ଜାତ ଓ ଅନ୍ତ୍ୟମ କ୍ରିୟା, ପାରଲୌକିକ ସୁଖାନୁଭବ ନିମନ୍ତେ ନିତ୍ୟାଦି ଅନୁଷ୍ଠାନ, ଶିଷ୍ଟପାଳନ, ଓ ଦୁଷ୍ଟ ଦଳନର ନିୟମାବଳି, ଧର୍ମାଚରଣ, ଦରଦ୍ ପ୍ରତି ଦଣ୍ଡ, ଶିକ୍ଷାର ନିୟମାବଳି, ଶିକ୍ଷା ଦ୍ୱାରା ଲାଭ, ଶସ୍ତ୍ରାସ୍ତ୍ର ନିର୍ମାଣ ଓ ସେମାନଙ୍କ ଉପଯୋଗିତା, ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କ ଚରିତ ପ୍ରଭୃତି ସକଳ ବିଷୟରେ ଲେଖିବାରୁ ଭାଷାଭିବର୍ଦ୍ଧନ, ଭାଷାଭିବର୍ଦ୍ଧନ ଯୋଗୁଁ ତାହାର ନିୟମ ପାଳନ, ପଦାର୍ଥମାନଙ୍କ ଅଂଶିକ ବା ସମ୍ପୂର୍ଣ୍ଣ ସାମଞ୍ଜସ୍ୟ, ଏବଂ ଦୃଷ୍ଟିବୈଲକ୍ଷଣ୍ୟ ହେତୁ ଏକ ପଦାର୍ଥରେ ଅନ୍ୟ ପଦାର୍ଥର ଭ୍ରମ—ଏହିପରି ସକଳ ବିଷୟ ଉଲ୍ଲେଖ କରିବାରୁ ଖଗୋଳ, ଭୂଗୋଳ, ଇତିହାସ, ବୀଜଗଣିତ, ଗଣିତ, ଶିଳ୍ପ ପାକଶାସ୍ତ୍ର, ସ୍ୱାସ୍ଥ୍ୟ-ରକ୍ଷା, ରସାୟନ, ପ୍ରାକୃତିକ ଭୂଗୋଳ, ବୈଦ୍ୟ, ଜ୍ୟୋତିଷ, ସିଦ୍ଧାନ୍ତ, ପୁରାଣ, ଶିଳ୍ପ, କୃଷି, ଉଦ୍ଭିଦ ମୀମାଂସା, ବିଜ୍ଞାନ, ଦର୍ଶନ, ମାନବ ଧର୍ମ, ଧର୍ମଶାସ୍ତ୍ର, ବ୍ୟବହାର କାଣ୍ଡ କାବ୍ୟ, ଭାଣ, ନାଟକ, ଅଳଙ୍କାର ଓ ରସ, ପ୍ରମୋଦାର୍ଥେ ତାଳ, କାଳ, ନାଦ ଶାସ୍ତ୍ର ଛନ୍ଦର ଉଦୟ ଏବଂ ତଦୁପରେ ବ୍ୟାକରଣ ଶାସ୍ତ୍ରର ଉଦୟ, ବ୍ୟାକରଣ ଶାସ୍ତ୍ର ପୂର୍ବେ ଶବ୍ଦ ଶାସ୍ତ୍ର ବା ଅଭିଧାନ ବିରଚିତ, ଏହିପରି ନାନାଂଶରେ ଦ୍ରବ୍ୟ ସୃଷ୍ଟ ଓ ପରିବର୍ତ୍ତିତ ହୋଏ।

ଯେଉଁ ଜାତି ଯେତେ ସଭ୍ୟତା ଲଭେ, ସେହି ଜାତିର ସାହିତ୍ୟ ତେତେଦୂର ଅଭିବୃଦ୍ଧି ପାଏ। ପ୍ରାଚୀନ କାଳରେ ପାଞ୍ଚ ଗୋଟି ଭାଷାର ଅଭିବୃଦ୍ଧି ହୋଇଅଛି। ଯଥା ହିବ୍ରୁ, ଲାଟିନ, ଗ୍ରୀକ୍, ହାଇଜର୍ମନ୍ ଓ ସଂସ୍କୃତ। ଉପରୋକ୍ତ ସକଳ ଶାସ୍ତ୍ର ଭାରତରେ ସର୍ବ ପ୍ରଥମେ ଉତ୍ଥାନ ପାଇଥିବା ଆର୍ଯ୍ୟମାନଙ୍କ ବେଦରେ ଲିଖିତ ହୋଇଅଛି। ସେହି ବେଦ ଚାରି ଭାଗରେ ବିଭକ୍ତ। ଯଥା ଋକ୍, ଯଜୁ, ସାମ ଓ ଅଥର୍ବ। ପ୍ରତ୍ୟେକ ବେଦ ତିନି ଭାଗରେ ବିଭକ୍ତ। ଯଥା ମନ୍ତ୍ର, ବ୍ରାହ୍ମଣ ଓ ଉପନିଷଦ, ଉକ୍ତ ବେଦକୁ ଅନୁସରି ବାଲ୍ମୀକି ରଚିତ ରାମାୟଣ, ବେଦବ୍ୟାସ ରଚିତ ମହାଭାରତ ଅଷ୍ଟାଦଶ ପୁରାଣ, ଓ ଭାଗବତ, ଭାସ୍କରାଚାର୍ଯ୍ୟ ରଚିତ ଗୋଳାଧ୍ୟାୟ, ବରାହମିହିର ରଚିତ ସିଦ୍ଧାନ୍ତ, ପାରାଶର ପ୍ରଭୃତି ମହର୍ଷିମାନଙ୍କ ବିରଚିତ ଶ୍ରୀପତି, ମୁହୂର୍ତ୍ତଦର୍ପଣ, ପାରାଶରୀ ହୋରା ପ୍ରଭୃତି ଜ୍ୟୋତିଷ ଶାସ୍ତ୍ର, ଚରକ, ମାଧବକର, ପର୍ଯ୍ୟାୟ ମୁକ୍ତାବଳି, ପ୍ରଭୃତି ବୈଦ୍ୟ ଶାସ୍ତ୍ର, ସଙ୍ଗୀତ ଶାସ୍ତ୍ର, କୁବଳୟା ନନ୍ଦ, ପ୍ରତାପରୁଦ୍ର, ସାହିତ୍ୟଦର୍ପଣ ପ୍ରଭୃତି ଅଳଂକାର ଶାସ୍ତ୍ର, ମୁକ୍ତାବଳି, ଗାଦାଧରୀ, କୁସୁମାଞ୍ଜଳି ପ୍ରଭୃତି ନ୍ୟାୟ ଶାସ୍ତ୍ର, ପାଣିନି

Digitized by srujanika@gmail.com

ଭଡ ସିଦ୍ଧାନ୍ତକୌମୁଦୀ ବ୍ୟାକରଣ ଆଉ ଅନ୍ୟାନ୍ୟ ଶାସ୍ତ୍ରମାନ ପଦ୍ୟ ସୃଷ୍ଟିରେ ପ୍ରଥମତଃ ସ୍ଥାନ ନେଇ ଅଛନ୍ତି । ପରଶେଷରେ ଗଳ୍ପ ଛଳରେ ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କ ଚରିତ ରଚିତ ହେଲା—ଯଥା ନୈଷଧ, ରଘୁବଂଶ, କୁମାରସମ୍ଭବ, ପ୍ରଭୃତି କାବ୍ୟମାନ । ଆଉରି ମଧ୍ୟ କାଳ୍ପନିକ କାବ୍ୟମାନ ରଚିତ ହୋଇଅଛି—ଯଥା ମେଘଦୂତ । ଏହିପରି ଶାସ୍ତ୍ରମାନ ହିବ୍ରୁ, ଗ୍ରୀକ୍ ଲାଟିନ ପ୍ରଭୃତି ଭାଷାମାନଙ୍କରେ ମଧ୍ୟ ପରିଦୃଷ୍ଟ ହୁଏ । ପଦ୍ୟାବିର୍ଭାବ ବିଷୟ କହିବା ସମୟରେ ଭାଷା ଓ ଜାତିର ପରସ୍ପର ଉନ୍ନତି ବିଷୟ ସମାଲୋଚନା କରିବା ଅନାବଶ୍ୟକ ବୋଧକରି ସ୍ଥଳରେ ଉକ୍ତ ବିଷୟ ସମ୍ବନ୍ଧେ ଅଳ୍ପ ଦେଖାଇ ଦେଇଅଛୁଁ । ଜାତି ଓ ଭାଷାର ପରସ୍ପର ଉନ୍ନତି ସମ୍ବନ୍ଧେ ଆଲୋଚନା ହେବା ବେଳେ ବାହୁଲ୍ୟ ରୂପେ ଲେଖାଯିବ ।

୧୯—୮—୧୮ } କ୍ରମଶଃ
ପାରଳାଖେମଣ୍ଡି } ଅପର୍ଣ୍ଣା ପଣ୍ଡା

ପଦ୍ୟର ବାହୁଲ୍ୟ

ପଦ୍ୟ ବୀଜ ଯେବେ ମାନବ ହୃଦୟ-କ୍ଷେତ୍ରରେ ବପନ କରାଯାଏ ତେବେ ମନୁଷ୍ୟର ଅନୁଭବ ଓ ଅନୁମାନ ଏ ଦୁଇଟି ସାହାଯ୍ୟରେ ଉକ୍ତ ବୀଜ ଅଙ୍କୁରିତ ହୋଇ କ୍ରମଶଃ ପ୍ରକାଣ୍ଡ ବୃକ୍ଷ ହୁଏ । ସେହି ବୃକ୍ଷ ବିବିଧ ଶାସ୍ତ୍ର ଶାଖାମାନଙ୍କରେ ଶୋଭିତ, ତହିଁରେ ପ୍ରତ୍ୟେକ ଶାଖା, ଉପଶାଖାମାନଙ୍କରେ ଅଳଙ୍କୃତ । ବୃକ୍ଷଟି ପୁଷ୍ପିତ ହେଲାପରେ ଫଳବତୀ ହୁଏ । ଏହି ଅପୂର୍ବ ବୃକ୍ଷରେ ନାନା ପ୍ରକାର ଫଳମାନ ଫଳେ । ପ୍ରତ୍ୟେକ ଫଳର ରୁଚି ଭିନ୍ନ ପ୍ରକାର । ଏହି ଫଳମାନଙ୍କ ରୁଚି ଜ୍ଞାନେନ୍ଦ୍ରିୟ-ମାନଙ୍କ ଦ୍ୱାରା ଜ୍ଞାତ ହୁଏ ।

ବୃକ୍ଷର ସମସ୍ତ ଫଳ ସୁସ୍ୱାଦୁ ହେଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ସେହି ସମସ୍ତ ଅନୁଭବ କରି ନପାରେ । ପ୍ରତ୍ୟେକ ପଦାର୍ଥ ଅତ୍ୟନ୍ତ ମନୋହର ହେବା ଯୋଗୁଁ ବୃକ୍ଷର ଫଳମାନଙ୍କରୁ ଗୋଟିକୁ ନଛାଡି ସବୁ ଫଳ ଖାଇବାକୁ ମନୁଷ୍ୟର ମନ ଧାବିତ ହୁଏ, ମାତ୍ର ଗୋଟିଏ ଗୋଟିଏ ଫଳର ରସ ସମ୍ପୂର୍ଣ୍ଣ ରୂପେ ଅନୁଭବ କରୁଁ କରୁଁ ମନୁଷ୍ୟର ଆୟୁଃ ଶେଷ ହୋଇଯାଏ । ପଦ୍ୟ ଏହିପରି ବାହୁଲ୍ୟ ହୁଏ । ସମସ୍ତଙ୍କ ଅବଗତାର୍ଥେ ପଦ୍ୟ-ବାହୁଲ୍ୟର ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା । ଯଥା ବେଦ, ମହାକାବ୍ୟ, କାବ୍ୟ, ଖଣ୍ଡକାବ୍ୟ, ପୁରାଣ, ଗଳ୍ପ, ଉପନ୍ୟାସ, ନାଟକ ଅଳଙ୍କାର ଢଗ, ଢମାଳି, ପ୍ରହେଳିକା ପ୍ରଭୃତି । ପଦ୍ୟର ବାହୁଲ୍ୟ ଏପରି ଅଟେଯେ, ପ୍ରତ୍ୟେକ ଜାତିର ସ୍ତ୍ରୀ ଏବଂ ପୁରୁଷ ପଦ୍ୟ ରଚନା କରି ପାରନ୍ତି ଓ ପଦ୍ୟ ଶୁଣି କହି ପାରନ୍ତି ।

Digitized by srujanika@gmail.com

ଗଦ୍ୟ

ପ୍ରତ୍ୟେକ ଜାତିର ସରୁଆ କଥା ଗଦ୍ୟ । ଗଦ୍ୟ ମନୁଷ୍ୟର ସହଜମାର୍ଗ । ଗଦ୍ୟରେ ଯେଉଁ ନିୟମମାନ ଅଛି, ସେମାନଙ୍କ ନିୟମ ନ କହିଲେ ମଧ୍ୟ ଚଳେ । ପଦ୍ୟ ସହିତ ତୁଳନା କରି ଦେଖିଲେ, ଗଦ୍ୟର ନିୟମକୁ ନିୟମ ବୋଲି କେହି କହି ପାରିବ ନାହିଁ । ଗଦ୍ୟରେ ଅଦୌ ପଦଲାଳିତ୍ୟ, ଶ୍ରାବ୍ୟ, ମାଧୁର୍ଯ୍ୟ, ମନୋହାରିତା ପ୍ରଭୃତି ଗୁଣମାନ ଦେଖିବାକୁ ବିରଳ । ଗଦ୍ୟରେ ଅତି ସହଜରେ ମନୋଗତ ଭାବ ଗୁଡ଼ିକ ସୁନ୍ଦର ରୂପେ ରଞ୍ଜିତ ହେଲେହେଁ ସଙ୍ଗୀତସ୍ଥାନ ଯୋଗ୍ୟ, ଭାବ ଗୁଡ଼ିକ ମନୁଷ୍ୟମାନଙ୍କ ହୃଦଗତ ହେବା ଲାଗି ବାରମ୍ବାର ଅବୃତ୍ତି କରିଯାଇ ନପାରେ । ଅତଏବ ପ୍ରତିଭାଶାଳୀ ବ୍ୟକ୍ତିମାନେ ଅଦୌ ଗଦ୍ୟ ରଚନାରେ ବ୍ରତୀ ହୁଅନ୍ତି ନାହିଁ । ଗଦ୍ୟ ରଚନାରେ ବ୍ରତୀ ନହେବାରୁ ପ୍ରଥମତଃ ଗଦ୍ୟ-ସୃଷ୍ଟି ପୃଥିବୀରେ ଦେଖିବାକୁ ବିରଳ, ଏବଂ ଗଦ୍ୟ ପ୍ରତି କାହାରି ଦୃକ୍‌ପାତ ନହେବାରୁ ଗଦ୍ୟମାର୍ଗ ତୃଣାଚ୍ଛାଦିତ ଓ କଣ୍ଟକାକୀର୍ଣ୍ଣ ହୋଇଅଛି । ଉକ୍ତ ପଥ ଦେଇ ପ୍ରତିଭାଶାଳୀ ପଥିକମାନେ ଯାତାୟାତ କରିବାକୁ କଷ୍ଟ ବୋଧ କରନ୍ତି । ମନେ କରନ୍ତୁ, ମନୁଷ୍ୟର ପଞ୍ଚଜ୍ଞାନେନ୍ଦ୍ରିୟ ମଧ୍ୟରେ ଗୋଟିକର ଲୋପ ହେଲେ, ତାହାର ଶକ୍ତି ଅନ୍ୟ ଜ୍ଞାନେନ୍ଦ୍ରିୟମାନଙ୍କରେ ସଞ୍ଚାରିତ ହୋଇ ସେମାନଙ୍କ ପ୍ରକୃତ ଶକ୍ତିକୁ ଅଭିବର୍ଦ୍ଧନ କରେ । ପୃଥିବୀର ଦୁଇ ଗୋଟି ପ୍ରଧାନ ଶକ୍ତି ଅଛି—ଯଥା କେନ୍ଦ୍ରାଭିକର୍ଷଣୀ ଓ କେନ୍ଦ୍ରାପସାରଣୀ, ଉକ୍ତ ଦୁଇ ଶକ୍ତି ମଧ୍ୟରୁ ଗୋଟିକର ଶକ୍ତି ହ୍ରାସ ହେଲେ ଅନ୍ୟଟି ପ୍ରବଳ ହେବା ଯେପରି ସମ୍ଭାବନା, ସେହିପରି ଗଦ୍ୟର ଅଭାବରେ ପଦ୍ୟର ଏବଂ ପଦ୍ୟର ଅଭାବରେ ଗଦ୍ୟର ବାହୁଲ୍ୟ ଦେଖାଯାଏ । ପୃଥିବୀରେ ଅନ୍ୟ ପଦାର୍ଥମାନଙ୍କରେ ପ୍ରତ୍ୟେକ ପଦାର୍ଥର ଯେପରି ଗୋଟି ଗୋଟି ଗୁଣ ଅଛି ଗଦ୍ୟର ମଧ୍ୟ ସେହିପରି ଗୋଟି ଗୋଟି ଗୁଣ ଅଛି ।

ମନୁଷ୍ୟର ପ୍ରଥମ ସନ୍ତାନ ଗଦ୍ୟ ଏବଂ ଦ୍ୱିତୀୟଟି ପଦ୍ୟ । ଗଦ୍ୟର ଗୁଣାପେକ୍ଷା ପଦ୍ୟର ଗୁଣ ପ୍ରଶଂସନୀୟ ହେବାରୁ ଲୋକେ ପ୍ରଥମେ ଦ୍ୱିତୀୟ ସନ୍ତାନକୁ ବିଶେଷ ଆଦର କରନ୍ତି । ପଦ୍ୟକୁ ଆଦର କରିବାରୁ ତାହାର ଗୁଣ ପୃଥିବୀରେ ସର୍ବାଦୌ ଖ୍ୟାତ ହୋଇଅଛି, ମାତ୍ର ଗଦ୍ୟ ଜନସାଧାରଣରେ ଅଦୃତ ନହେବାରୁ ତାହାର ଗୁଣ ପ୍ରକାଶ ହୋଇ ପାରିଲା ନାହିଁ । ଗଦ୍ୟର ଗୁଣ ପ୍ରକାଶ ନହେଲେ ମଧ୍ୟ ତାହାର ଗୁଣ ନାହିଁ ବୋଲି କେହି ଜ୍ଞାନବାନ୍ ବ୍ୟକ୍ତି କହି ପାରିବ ନାହିଁ । ଯୁଗ ପରିବର୍ତ୍ତନ ସମୟେ ଯେବେ ଯେଉଁ ଗୁଣର ଆବଶ୍ୟକ ହୁଏ ତେବେ ତାହାର ଅଭ୍ୟୁଦୟ ହୁଏ । ପୃଥିବୀର ତୁଳନୀୟ ଦୁଇଗୋଟି ଶକ୍ତିରୁ ଗୋଟିକର ଶକ୍ତି କେବଳ ସର୍ବଦା ପ୍ରବଳ ରୂପେ ରହି ନପାରେ । ଦୁଇ ଗୋଟି ଶକ୍ତିରୁ ଯେବେ ଗୋଟିକର ହ୍ରାସ ହୁଏ ତେବେ ଅନ୍ୟଟିର ପ୍ରାବଲ୍ୟ ଦେଖାଯାଏ । ଏହା ପୃଥିବୀର ସ୍ୱାଭାବିକ ଧର୍ମ ।

Digitized by srujanika@gmail.com

ଗଦ୍ୟୋଦୟ

ବହୁତ ମଧୁର ରସ ଖାଇବାହେତୁ ଅମ୍ଳରସୋପରେ ମନ ଯେପରି ପ୍ରଧାବିତ ହୋଏ, ଶୀତାର୍ତ୍ତ ଲୋକ ଯେପରି ଉଷ୍ଣାନୁଭବରେ ମନ ବଳାଏ, ସୂର୍ଯ୍ୟତାପରେ କ୍ଳାନ୍ତ ହେବା ବ୍ୟକ୍ତି ଯେପରି ବୃକ୍ଷ ଛାୟାର ଆଶ୍ରୟ ଗ୍ରହଣ କରେ, ଦିବାବସାନରେ ଯେପରି ରବି ପ୍ରବିଷ୍ଟ ହୋଏ, ପରିଶ୍ରମୀ ବ୍ୟକ୍ତି ଯେପରି ବିଶ୍ରାମ ନେବାକୁ ଇଚ୍ଛା କରେ ଏବଂ ଦୁଃଖାନନ୍ତର ସୁଖ ଓ ସୁଖାନନ୍ତର ଦୁଃଖ ଯେପରି ହୋଏ, ସେହିପରି ଗଦ୍ୟ ବାଦ ପଦ୍ୟ ଏବଂ ପଦ୍ୟାନନ୍ତର ଗଦ୍ୟ ରୁଚ୍ୟାନୁସାରେ ରଚିତ ହୋଏ ।

ମନେ କରନ୍ତୁ, ଶୁକ ପକ୍ଷୀକୁ ଅନେକ ଯତ୍ନରେ ପାଳିଲେ ମଧ୍ୟ ସୁବିଧାବେଳେ ତାହାର ମନ ସ୍ୱସ୍ଥାନ ପ୍ରତି ଯେପରି ପ୍ରଧାବିତ ହୋଏ, ଏବଂ ମନୁଷ୍ୟ ଏହି ରଙ୍ଗଭୂମିକୁ ପ୍ରଥମତଃ ଯେଉଁ ବେଶରେ ଆସିଥାଏ, ଅଭିନୟାନନ୍ତର ସେହି ବେଶ ଧାରଣ କରି ଏଠାରୁ ଯେପରି ବିଦାୟ ହୁଏ, ସେହିପରି ମନୁଷ୍ୟମାନେ ପ୍ରଥମେ ଗଦ୍ୟାରମ୍ଭ କରି ରୁଚି ପରିବର୍ତ୍ତନ ହେତୁ କେତେକାଳ ପଦ୍ୟ ରାଜ୍ୟରେ ବିଚରଣ କଲାପରେ ପୁଣି ଗଦ୍ୟ-ରାଜ୍ୟରେ ଅବସ୍ଥାନ କରନ୍ତି । ଗଦ୍ୟ ଓ ପଦ୍ୟ ମଧ୍ୟରେ ପାରମ୍ପରିକ ସମ୍ବନ୍ଧ ଥିବା ସକାଶୁ ଗଦ୍ୟାନ୍ତେ ପଦ୍ୟ ଏବଂ ପଦ୍ୟାନ୍ତେ ଗଦ୍ୟୋଦୟ ହେବା ସମ୍ଭାବନା ।

ଗଦ୍ୟାରମ୍ଭ

କଠିନ ପଦ୍ୟମାନଙ୍କର ଅର୍ଥ ବ୍ୟକ୍ତ କରିବାରେ କାବ୍ୟମାନଙ୍କର ଟୀକା, ଟିପ୍ପଣୀ ଲେଖିବାରେ, ପଦ୍ୟମାନଙ୍କ ଅନ୍ୱୟ କରିବାରେ, ପଦ୍ୟମାନଙ୍କ ବିଶଦ ବ୍ୟାଖ୍ୟା ଲେଖିବାରେ, ଚିଠି, ପତ୍ର ଲେଖିବାରେ, କରଜପତ୍ର ଲେଖିବାରେ, ଇତିହାସ ପୁରାଣ, ଖ୍ୟାତନାମା ବ୍ୟକ୍ତିମାନଙ୍କ ଚରିତ, ନୀତି ଓ ଧର୍ମ ଏହି ସକଳ ବାଳକ, ବାଳିକା ଏବଂ ଅଜ୍ଞମାନଙ୍କ ସହଜ ବୋଧ ନିମନ୍ତେ କଥାରୂପେ କହିବାରେ, ଏବଂ ପୂର୍ବେ ମନୁଷ୍ୟମାନେ ସର୍ବଦା ଓ ସର୍ବତ୍ର ଗୃହୋପଯୋଗୀ ସମସ୍ତ ବିଷୟ ନେଇ କଥୋପକଥନ କରିବାରେ ଗଦ୍ୟ ବ୍ୟବହାର କରନ୍ତି । ଗଦ୍ୟ ଅନେକ ଦିନ ପର୍ଯ୍ୟନ୍ତ ଖଣିଜ ଦ୍ରବ୍ୟପରି ଅପରିଷ୍କୃତ ଥାଇ କ୍ରମଶଃ ମାର୍ଜିତ ଓ ପରିଷ୍କୃତ ହୋଏ । ଚିର କାଳରୁ ପଦ୍ୟାଭ୍ୟାସ କରୁଥିବା ହେତୁ ପଦ୍ୟ ବ୍ୟତିରେକେ ଗଦ୍ୟ ଲେଖିବା ଲେଖକଙ୍କ ପକ୍ଷେ କଷ୍ଟବୋଧ ହେଉଥାଏ । ସୁତରାଂ ପ୍ରତିଭାଶାଳୀ ବ୍ୟକ୍ତିମାନେ ଗଦ୍ୟାରମ୍ଭ ସମୟେ ପଦ୍ୟ ସହ ଗଦ୍ୟ ମିଶାଇ ଲେଖିବାର ଆରମ୍ଭ କରନ୍ତି । ତୁଳନାରେ

Digitized by srujanika@gmail.com

ପଦ୍ୟାପେକ୍ଷା ଗଦ୍ୟ ସୁଲଭ । ଏବଂ ଅଳ୍ପାୟାସ ସାଧ୍ୟ ଏ ସକଳ କାରଣର ହେବାରୁ ଜଗତର ସକଳ ବିଷୟ ସମସ୍ତ ବ୍ୟକ୍ତିଙ୍କ ଅବଗତାର୍ଥେ ପ୍ରତିଭାଶାଳୀ ବ୍ୟକ୍ତିମାନେ ଗଦ୍ୟରେ ରଚନାରମ୍ଭ କରନ୍ତି ।

ଗଦ୍ୟାଦି ବର୍ଣ୍ଣନ

ପଦ୍ୟ ଯେପରି ବିବିଧାଂଶରେ ରଚିତ ଏବଂ ପରିବର୍ଦ୍ଧିତ, ଗଦ୍ୟ ସେହିପରି ପରିବର୍ଦ୍ଧିତ । ଗଦ୍ୟରେ ଭୂଗୋଳ, ଖଗୋଳ, ଇତିହାସ, ଉପାଖ୍ୟାନ, କାବ୍ୟ, ଅଳଙ୍କାର, ନାଟକ, ଜ୍ୟୋତିଷ, ବୈଦ୍ୟ, ବିଜ୍ଞାନ, ଦର୍ଶନ, ଉପନିଷଦ ପ୍ରଭୃତି ଶାସ୍ତ୍ରମାନ ପଦ୍ୟରୁ ଅନୁବାଦିତ, ମାତ୍ର ଯେଉଁ ପ୍ରାଚୀନ ଭାଷାମାନଙ୍କରେ ମନ୍ତ୍ରଶାସ୍ତ୍ର ଅଛି ତାହା କେବଳ ପଦ୍ୟରେ ରଚିତ ।

ଗଦ୍ୟରେ କୌଣସିଠାରେ ଦେଖା ଯାଉନାହିଁ, ଅତଏବ ଏହାର ରହସ୍ୟ ଅପ୍ରକାଶ ବୋଲି ମନେ କରୁଁ ।

ପ୍ରାଚୀନ ଆର୍ଯ୍ୟ ଭାଷାମାନଙ୍କରେ ଅଦ୍ୟ ସଂସ୍କୃତ, ଲାଟିନ ଗ୍ରୀକ୍ ଏବଂ ହାଇ-ଜର୍ମନ୍ ପ୍ରଧାନ ଅଟନ୍ତି । ସଂସ୍କୃତରେ ବେଦର କୌଣସି କୌଣସି ଠାରେ ଗଦ୍ୟ ଦୃଷ୍ଟ ହୁଏ । ସ୍ମୃତିମାନେ କେବଳ ପଦ୍ୟରେ ଦୃଷ୍ଟ ହୁଅନ୍ତି । ସଂସ୍କୃତରେ ଗଦ୍ୟ ପ୍ରଥମରେ ବେଦରେ, ଦ୍ୱିତୀୟରେ ଟୀକା ଓ ନାଟକ ମାନଙ୍କରେ ଏବଂ ତୃତୀୟରେ କାବ୍ୟ ଉପାଖ୍ୟାନ ଓ ଉପନ୍ୟାସ ମାନଙ୍କରେ ଦୃଷ୍ଟ ହୁଏ । ଅନ୍ୟ ଆର୍ଯ୍ୟ ଭାଷା-ମାନଙ୍କରେ ଗଦ୍ୟ ଯେପରି ବିବିଧାଂଶରେ ଦୃଷ୍ଟ ହୁଏ, ସଂସ୍କୃତ ଭାଷାରେ ସେହିପରି ଗଦ୍ୟ ବାହୁଲ୍ୟରେ ଦେଖା ଯାଉନାହିଁ ! ବର୍ତ୍ତମାନ ଯୁଗରେ ସଭ୍ୟତମ ଜାତିର ଭାଷା ରାଜ୍ୟ ଦ୍ୱିଭାଗରେ ବିଭକ୍ତ । ଯଥା ପଦ୍ୟ ଏବଂ ଗଦ୍ୟ । ପଦ୍ୟ ରାଜ୍ୟରେ ଥାଇ ପ୍ରଜାମାନେ ଯେତେ ଜ୍ଞାନ ସମ୍ପାଦନ କରିପାରିବେ, ଗଦ୍ୟ ରାଜ୍ୟରେ ମଧ୍ୟ ସେତେ ଜ୍ଞାନ ସମ୍ପାଦନ କରିପାରିବେ । ପୃଥିବୀରେ ଅନେକ ସଭ୍ୟ ଜାତିମାନଙ୍କ ପଦ୍ୟ ଯେତେ ଯେତେ ଅଂଶରେ ଲିଖିତ ଅଛି ଗଦ୍ୟ ମଧ୍ୟ ତଦ୍ରୂପ ଏବଂ ତଦୋ-ଧିକ ଅଂଶରେ ଲିଖିତ । ଅନେକ ପ୍ରତିଭାଶାଳୀ ବ୍ୟକ୍ତିମାନେ ମୁକ୍ତ କଣ୍ଠରେ ସ୍ୱୀକାର କରିଅଛନ୍ତି ଯେ, ପୃଥିବୀର ଯେଉଁ ଜାତି ଯେତେ ଉଚ୍ଚ ସଭ୍ୟତା ସମ୍ପାଦନ କରେ ସେହି ଜାତିର ଭାଷାରେ ଗଦ୍ୟ ସେତେ ଅଧିକ ପରିମାଣରେ ଦେଖାଯାଏ । ମାତ୍ର ମୋର କ୍ଷୁଦ୍ର ମତାନୁସାରେ କୌଣସି କୌଣସିଠାରେ ତାହାର ବିପରୀତ ଦେଖାଯାଏ ।

ମନେକରନ୍ତୁ, ଯେଉଁ ଜାତିର ଭାଷା ଯେତେ ପରିମାର୍ଜ୍ଜିତ ଓ ପରିବର୍ଦ୍ଧିତ ସେହି ଜାତି ସେତେ ଉଚ୍ଚ ସଭ୍ୟତା ସମ୍ପାଦନ କରେ । ସଂସ୍କୃତ ଭାଷା ସମ୍ପୂର୍ଣ୍ଣରୂପେ ପରିମାର୍ଜ୍ଜିତ ଓ ପରିବର୍ଦ୍ଧିତ ହେଲେ ମଧ୍ୟ ସେହି ଭାଷାରେ ବାହୁଲ୍ୟରେ ଗଦ୍ୟ

Digitized by srujanika@gmail.com

ଦେଖା ଯାଉନାହିଁ । ପଦ୍ୟାପେକ୍ଷା ଗଦ୍ୟରେ ଭାବଗୁଡ଼ିକ ଉତ୍ତମରୂପେ ବ୍ୟକ୍ତ ହୁଏ, ଏହା ଆଧୁନିକ ବଙ୍ଗବଂଶଧରମାନଙ୍କ ଅଭିମତ, ମାତ୍ର ସଂସ୍କୃତ ଭାଷା ପଦ୍ୟରେ ଲେଖା ଗଲେ ମଧ୍ୟ ତହିଁରେ ଯେପରି ଭାବମାନ ବ୍ୟକ୍ତ ହୋଇଅଛି, ପୃଥିବୀରେ କୌଣସି ସଭ୍ୟ ଜାତିର ଭାଷାରେ ମଧ୍ୟ ତାଦୃଶ ଭାବ ବ୍ୟକ୍ତ ହୋଇନାହିଁ ।

ପୃଥିବୀର ବିଜ୍ଞଲୋକମାନଙ୍କ ଭାଷା ଚର୍ଚ୍ଚା ସମ୍ବନ୍ଧରେ ଅବଶ୍ୟ ଉକ୍ତ ମତ ସ୍ୱୀକାର କରିବେ । ବିଂଶତି ଶତାବ୍ଦୀରେ ଯେଉଁ ଜାତି ଉଚ୍ଚତମ ସଭ୍ୟ-ସୋପାନରେ ଅଧିରୋହଣ କରିବାକୁ ପ୍ରଧାବିତ ହେଉଅଛି, ସେହି ଜାତିର ଭାଷାରେ ଗଦ୍ୟ ବାହୁଲ୍ୟରେ ଦୃଷ୍ଟ ହୁଏ । ଯଥା, ଇଂରାଜୀ ଭାଷାରେ ଖଗୋଳ, ଭୂଗୋଳ, ଇତିହାସ, ଉପାଖ୍ୟାନ, କାବ୍ୟ, ଗଳ୍ପ, ଉପନ୍ୟାସ, ନବନ୍ୟାସ, ଜ୍ୟୋତିଷ, ବୈଦ୍ୟ, ବିଜ୍ଞାନ, ଦର୍ଶନ, ନିସର୍ଗଶୁ, ବ୍ୟାକରଣ, ଗଣିତ, ବୀଜଗଣିତ, ଜ୍ୟାମିତି, ତ୍ରିକୋଣମିତି, ପ୍ରଭୃତି ଶାସ୍ତ୍ରମାନ ଗଦ୍ୟରେ ରଚିତ ହୋଇଅଛି । ଏହି ଭାଷାକୁ ଅନୁକରଣ କରି ପୃଥିବୀର ଅନ୍ୟ ଭାଷାମାନେ ଗଦ୍ୟରେ ଲେଖାଯିବା ସମ୍ଭବପର ଅଟେ । ଅତଏବ ଭାରତବର୍ଷର ଆର୍ଯ୍ୟ ଓ ଆର୍ଯ୍ୟାନ୍ତର୍ଭୁକ୍ତ ଭାଷାମାନଙ୍କରେ ଏବଂ ଅନାର୍ଯ୍ୟ ଓ ତଦନ୍ତର୍ଗତ ଭାଷାମାନଙ୍କରେ ପଦ୍ୟ-ସୃଷ୍ଟି ଅପେକ୍ଷା ଗଦ୍ୟ ସୃଷ୍ଟି ବିଶେଷତଃ ନ୍ୟୂନ । ମାତ୍ର ଅନ୍ୟ ଦେଶମାନଙ୍କର ସଭ୍ୟ ଆର୍ଯ୍ୟ ଓ ଅନାର୍ଯ୍ୟ ଜାତିମାନଙ୍କର ଭାଷାମାନଙ୍କରେ ଗଦ୍ୟ ବାହୁଲ୍ୟରେ ଦୃଷ୍ଟ ହେଉଅଛି ।

ବର୍ତ୍ତମାନ ଯୁଗରେ ଭାରତର ସଭ୍ୟଜାତିର ଭାଷାମାନ ଗଦ୍ୟ ଦିଗେ କ୍ରମଶଃ ଗତି କରୁଅଛି । ଆଉ ଗୋଟିଏ ପ୍ରଧାନ କାରଣ ଅଛି, ତାହା ଏହି—ସଭ୍ୟ ଜଗତର ଏକଦଳର ଲୋକେ ଅନ୍ୟ ଦଳର ଭାଷା ଶିକ୍ଷା କରିବାକୁ ଗଲେ, ସେମାନେ ଗଦ୍ୟରେ ଯେତେ ଶୀଘ୍ର ତାହା ଶିକ୍ଷା କରିପାରନ୍ତି, ପଦ୍ୟରେ ସେତେ ଶୀଘ୍ର କରି ପାରନ୍ତି ନାହିଁ । ଅତଏବ ସୁକୁମାରମତି ବାଳକମାନଙ୍କ ବୋଧ ନିମନ୍ତେ ଏବଂ ଅନ୍ୟ ଜାତିଙ୍କ ଶିକ୍ଷା ଅଭ୍ୟାସାର୍ଥେ ଗଦ୍ୟ ସୁଲଭ ମାର୍ଗ ହେବା ଯୋଗୁଁ ପ୍ରତ୍ୟେକ ସଭ୍ୟ ଜାତିର ଭାଷାରେ ପ୍ରତ୍ୟେକ ବିଷୟ ଗଦ୍ୟରେ ଲେଖାଯାଏ । ଅଧୁନା ସଭ୍ୟ ଜଗତର ପ୍ରତ୍ୟେକ ଜାତିର ଭାଷାରେ ପଦ୍ୟାପେକ୍ଷା ଗଦ୍ୟ ଅଧିକ ପରିମାଣରେ ଦୃଷ୍ଟ ହେଉଅଛି । ଉତ୍କଳ ଭାଷାର ଛନ୍ଦ ସ୍ୱତନ୍ତ୍ର । ଏହା ଲୋକେ ଅନୁମାନ କଲାପରି ଅନ୍ୟ କୌଣସି ଭାରତୀୟ ଭାଷାର ଅନୁକରଣ କରାଯାଇ ନାହିଁ । ପାଠକମାନଙ୍କ ସହଜ ବୋଧ ନିମନ୍ତେ ଅନ୍ୟତ୍ର ଉତ୍କଳ ଭାଷାର ଛନ୍ଦମାନଙ୍କ ନାମ ଏବଂ ନିୟମାବଳି ପ୍ରଦତ୍ତ ହୋଇଅଛି । ଏହି ଛନ୍ଦମାନ କିପରି ଭାବରେ ଉଦ୍ଭୂତ ହେଲା ଓ କିପରି ବିବିଧ ନାମ ଧାରଣ କଲା, ଏହାର କାରଣମାନ ମଧ୍ୟ ପ୍ରଦତ୍ତ ହୋଇଅଛି ।

Digitized by srujanika@gmail.com

ମୁଖବନ୍ଧ

ଘ।

ଉତ୍କଳ ଭାଷାର ଛନ୍ଦ ଏବଂ ସଙ୍ଗୀତ

ଆଧୁନିକ ଛଅଗୋଟି ପ୍ରାକୃତ ଭାଷା ମଧ୍ୟରେ ଓଡ଼ିଆ ଗୋଟିଏ ପ୍ରାକୃତ ଭାଷା। ଓଡ଼ିଆ, ହିନ୍ଦୀ ଓ ବଙ୍ଗାଳ ଏହି ତିନି ପ୍ରାକୃତ ଭାଷା ଭଗିନୀ ଅଟନ୍ତି। ଏହି ତିନି ଭାଷା ମଧ୍ୟରେ ଚତୁର୍ଦ୍ଦଶାକ୍ଷରୀ, ଲଘୁତ୍ରିପଦୀ ଓ ଗୁରୁତ୍ରିପଦୀ ପଦ୍ୟମାନ ବିଦ୍ୟମାନ। ହିନ୍ଦୀ, ବଙ୍ଗ ଓ ଓଡିଆ ଏହି ତିନି ଭାଷାର ବର୍ଣ୍ଣମାଳା ମଧ୍ୟରେ ସାମାନ୍ୟ ଭେଦ ଦେଖାଯାଏ। ଦେଶୀ ଓ ଗ୍ରାମ୍ୟ ଶବ୍ଦମାନ ବ୍ୟତୀତ ଅନ୍ୟ ସମସ୍ତ ଶବ୍ଦମାନ ମୂଳ ସଂସ୍କୃତ ଭାଷାରୁ ଉକ୍ତ ତିନିଭାଷାକୁ ଆନୀତ ହୋଇଅଛି। ବିଶେଷ୍ୟ, ବିଶେଷଣ, ଅବ୍ୟୟ ଓ କ୍ରିୟା ବିଶେଷଣ ଉକ୍ତ ତିନିଭାଷାରେ ସମାନ ମାତ୍ର ସର୍ବନାମ ଓ କ୍ରିୟାର ପ୍ରତ୍ୟୟମାନଙ୍କରେ ସାମାନ୍ୟ ପ୍ରଭେଦ ଦେଖା ଯାଉଅଛି। ହିନ୍ଦୀ ଭାଷାର ଶବ୍ଦ ବିନ୍ୟାସ ଯେପରି କର୍କଶ, ଓଡିଆ ଭାଷାର ପଦ ବିନ୍ୟାସ ତାଦୃଶ ନୁହେ ମାତ୍ର ବଙ୍ଗ ଭାଷାର ପଦ ବିନ୍ୟାସ ଅତିବ ମଧୁର ଓ ଲଳିତ। ସଙ୍ଗୀତ ମଧ୍ୟରେ ହିନ୍ଦୀ ଭାଷାର ସଙ୍ଗୀତ ଅତ୍ୟନ୍ତ ମନୋହର, ବଙ୍ଗ ଭାଷାର ସଙ୍ଗୀତ ଅତି ମଧୁର ଏବଂ ଓଡିଆ ଭାଷାର ସଙ୍ଗୀତ କର୍କଶ। ଏହି ସଙ୍ଗୀତମାନ କେତେକ ସଂସ୍କୃତ ଭାଷାରୁ ଏବଂ ଅଉ କେତେକ ଅନାର୍ଯ୍ୟ ଭାଷାରୁ ଆସିଲାପରି ବୋଧ ହେଉଅଛି। (ଉତ୍କଳ ଭାଷାରେ ଯେଉଁ ପଦ୍ୟାବଳି ଦେଦୃଷ୍ଟ ହୁଏ, ସେହି ସମସ୍ତ ପଦ୍ୟମାନଙ୍କର ଛନ୍ଦମାନ କେତେକ ଉତ୍କଳ ଭାଷାର ଢଗ, ଢମାଳରୁ, କେତେକ ଦୋଳଗୀତରୁ ଅଉ କେତେକ ଓଷା ଗୀତରୁ ଆସିଲା ପରି ପ୍ରତୀତ ହେଉଅଛି। କାରଣ, ସଂସ୍କୃତ ଭାଷାର ଛନ୍ଦର ନିୟମ କେବଳ ଗଣ ଏବଂ ଯତିପାତ, ପ୍ରାଚୀନ ପ୍ରାକୃତ ଭାଷାର ଛନ୍ଦ ମାତ୍ରା ଏବଂ ମିତାକ୍ଷର ନିୟମ ଏବଂ ଆଧୁନିକ ପ୍ରାକୃତ ଭାଷାମାନଙ୍କର ଛନ୍ଦ ଯତି ଓ ମିତ୍ରାକ୍ଷର ନିୟମ, ଉତ୍କଳ ଭାଷାରେ ଅକ୍ଷର ନିୟମାନୁସାରେ ଯେଉଁ ଛନ୍ଦମାନ ସୃଷ୍ଟ ହୋଇ ଅଛି, ସେହି ଛନ୍ଦମାନଙ୍କରୁ କେତେକ ଛନ୍ଦ ଯତିପାତ ପ୍ରଭେଦରେ ବିଭିନ୍ନ ସ୍ୱର ହୋଇଅଛି। ଉତ୍କଳ ଭାଷାର ଛନ୍ଦାବଳି କୌଣସି ଭାରତୀୟ ଭାଷାରୁ ଆସିଲାପରି ବୋଧ ହେଉନାହିଁ) ମାତ୍ର ସେହି ଛନ୍ଦମାନ କେତେକ ଉତ୍କଳ ଭାଷାର ଢଗ, ଢମାଳରୁ କେତେକ ଦୋଳଗୀତରୁ ଅଉ କେତେକ ଓଷା ଗୀତରୁ ଆସିଲାପରି ଯାହା ଜଣାଯାଇ ଅଛି, ତହିଁର ଉଦାହରଣମାନ ନିମ୍ନରେ ପ୍ରଦତ୍ତ ହେଲା।

୧/୧୧ ରଙ୍ଗରଙ୍ଗତା—ପାଣିଦେଲେ ଗଛ, ମଧୁପାଆନ୍ତି।

୨/୧୧ ତୁଳୁକୁତୁକ, ତୁଣ କାଞ୍ଜିପାଣି ମନ୍ଥୁରୁଣ।

୩/୧୧ ଛୁଛୁକୁ ଏତେ, ତୋଡ଼େ ନୁହନାହିଁ, କଣ୍ଡୁଲୁକେତେ।

Digitized by srujanika@gmail.com

ଏଥିରୁ ଚକ୍ରକେଳି ରାଗ ଅସିଅଛି

୪/୯ ଦଆକୁ ଦଆ, ଅଦଆକୁ ଦୁଆରଧଆ ।

୫/୯ ହାତ ହେଲେ ବଉଳାଣ, ପେଟର ପୋକ ଅନାଉଥାଏ ।

ଏଥିରୁ ଗୁଜ୍ଜରୀ ରାଗ ଆସିଅଛି

୬/୧୪ ଟିକର ଟିକର କଣ୍ଠା କର୍ପୂରର ବାସ, ତୁ ମୁଇଁ ହେଉ ମେଲାଣ ଛଅ
ଛଅ ମାସ ।

ଏଥିରୁ ମଙ୍ଗଳ, କଳସା ପ୍ରଭୃତି ରାଗମାନ ଅସିଅଛି

୭/୧୮ ପଣିଆ ତୋଳଇ ପଣିଆରେ, ଦେଖ ଶୋଳଆର ଗୁଳ,
ତୁଇ ମୁଇ ଘାଙ୍ଗ ହୋଇଲେ, ଘାହୁକୁ ଖାଇବା କାଲ

ଏହାକୁ ଭୀଷ୍ମ ରାଗ କହ, ଏଥିରୁ ବଙ୍ଗଳାଶ୍ରୀ ଆସିଲାପର ଅନୁମାନ

୮/୨୦ ଧନରେ ମାଣ୍ଡିଆ ମିଶୁ, ମୋ ଅବା କାନରେ ଯୋଡ ବେଙ୍ଗୁଲି ଗୋ
ସଅନ୍ତାଣୀ ଦେଇ ଦଶୁ ।

ଏଥିରୁ ବଙ୍ଗଳାଶ୍ରୀ ଆସିଅଛି ।

୯/୧୨ ଦେଲ ଦୋଳାଇଲ ନା ଦେଲଲ ଛୁରୀ,
ବାରମାସି ଥାନ (ଘରେ) ଘରୁ କଳା କର !
ଘରୁ କଳା କର କାକା ମୁଣ୍ଡେ ରଖି,
ବାଘା ମୁଣ୍ଡେ ପାଟ ନନା ମୁଣ୍ଡେ ଦଶି ।

ଏଥିରୁ କଳହଂସ କେଦାର ଅସିଅଛି ।

୧୦/୧୩ ମୋର ଦଉଡୁଣୀ ପଡ଼ିଅଛ ପୋକଛ,
ଓଗାଇ ଦେବଲେ ନାଗ ସାପର କାଛ ।
ଗୋଡ ଅନ୍ଧେ ଦେବପାଣି ଗଳାର ସାପ,
ଅକାଳେ ଅସିଚ୍ଛି ଦଉଡୁଣୀର ବାପ ।
ଜଆଁ ମାଛ ବୋଲି, ଧରିଲି ଅଜଗର ସାପ,
ଅଜଗର ସାପ ଅଜଗରରେ ଥାଉ
କେଉଟ ଜାଲ ପକାଇଲେ ମହୁରୀ ନଦେଉ ।

ଏଥିରୁ ମଙ୍ଗଳ ଗୁଜ୍ଜରୀ ଅସିଅଛି ।

୧୧/୧୧ (ମା) କାହିଁ ଟଙ୍କା ଖାଇ କନ୍ଦୁଚ କାଚ,
(ପୁଅ) ପାଣ୍ଡୋଇ ମାଡ଼ୁଛୁ ମଅର ମାଚ ।

୧୨/୧୨ ଲୁହାଯାଉଥାଇ ପିନା, ଲୁହାଇ ଲୁହାଇ ପୁଟ ଦେଉଥିଲେ ଲୁହାଟା
ହେବକି ସୁନା ।

ଏଥିରୁ ପଦ ଚତୁ ଆସିଅଛି ।

୧୩/୧୨ ଅଯୋଗ ଯୋଗ, କୁଣ୍ଡା ଖାଇକି ଦେଖ ନୃପତି ଭୋଗ ।

୧୪/୨୧ ଘାଣି ବରଷର ଛପୁରୁ ଚାପୁରୁ, ମୋର ଦାଢ଼ିଆ ଜ୍ଞେ ଛକରେ

Digitized by srujanika@gmail.com

ମୋର ବାଇଅଛନ୍ତି ମାଣିକ ପତ୍ତର, ମୁଣ୍ଡରେ ଗୋଟିଏ ଦଅରେ ।

୧୭ ବଗା କାନ୍ଥି ପାଣି ନଉଛି ନଣନ୍ଦ ଗୋଡ଼ଭେ ନେ ।

୧୯ ଧିର ଧିର କର ଅସିରୁ ଗ୍ରେଭ, ପିଲାକୁ ଝଡ଼ରୁ ପର୍ ।

୨୦ ଠ୍ୟାଙ୍ଗ ବନ୍ଧ ଖିଅଲନ୍ତ. ମୋ ପିଲାକୁ ମୁ ଗେଲ କରୁଥିଲେ
ବୁଢ଼ା ଚ଼ଲୁଆଇ କାଉଛ ।

ଏଥିରୁ ଦୁଇଗୋଟି ରାଗ ଅସିଥିଲାପରି ଅନୁମାନ ହୁଏ ।

୧୫/୧୧/୧୦ କଣା ଭୁଜା ଯେବେ ଦୁଅନ୍ତୁ ଯୋଡ଼ା,
ଚେଟିର ପୁଅ ଚଢ଼ଇ ଘୋଡ଼ା ।

ଏଥିରୁ ଦୁଇଗୋଟି ରାଗ ଅସିଅଛି ।

୧୭/୯ ଡ଼ାହୁ ମହୁ ଖପର କାଛ ଭକାରର ଡାବର ଦାନ୍ତ	ଗୁଜ୍ଜରୀ

୧୬ ଆମ୍ବ ଗୋଟିଏ ଖାଉ ଖାଉ, କୋଇଲି ଗୋଟି କସା ।

୧୫ ଜମାଡ଼ ମାଇଲ୍ ଭାଇ, ଗୃହ କଣିଆ ପଦା ।

ଏଥିରୁ ଦୁଇଗୋଟି ରାଗ ଅସିଅଛି ଯଥା ବସନ୍ତକେଶୀ ।

(୧୭)/୧୮ ସିଂହ ଢେଇଆ ଉତ୍ତମ ଭୁଆ, ଚନ୍ଦ୍ରିରୁ ବଳଲେ ଦଣ୍ଡ,
ଗାଁ ମୁରୁଗୁଡ଼ା ବାନ୍ଧ ଚଳଥି, ଆଉ ଗୃହଦାନ ଚଣ୍ଡ ।

୧୮/୧୬/୧୫ ଖର ଖରାର ବରକର, ଝଅ ବରଷେ ପାଣି,
ନଇ ନାଳ ମାଡ଼ ଅସିଲା, ଠାଭ ନାହିଁ ଜାଣି ।

ଏଥିରୁ ସ୍ପଷ୍ଟରେ ଭାଟିଆରୀ ଅସିଅଛି ।

୧୬ ଠାଭ ନାହିଁ ଜାଣି ମାଲୋ ଭଲଇଥା,
ଭାଟ ପାଇଲେ ମାଲୋ ଯୋଡ଼ା ଲୋଦରା ।

ଏଥିରୁ ଗୋଟିଏ ରାଗ ଅସିଅଛି ।

୮,୮ ଖର ଖରା ପାଚ ପତର ମୋ ଭାଇ ଦୁଧ ଭାତର	ଅଷ୍ଟାଙ୍ଗରୀ
୧୪ ଖର ଖଣ୍ଡା ଲାଗିଲାଲେ ଛଡ଼ାଇ ଦେବ କେ ୧୪ ପଚୁ ପଙ୍ଖା ବନ ଦାଳନ୍ଦ ଖର ଖରକ ଦେ	ମଙ୍ଗଳ କଳସା

ଏଥିରୁ ଗୋଟିଏ ରାଗ ଅସିଅଛି ।

(୧୯)୮/୭ ଖଡ ଗୁଡ଼େ ମାଣ୍ଡିଅଛି, ମୋ ଭାଇ ଗଣ୍ଡିଅଛି ।

୭/୭ ଖଡଗୁଡ଼େ ପଡ଼ିଛି, ମୋ ଭାଇ ପାଚିଛି ।

୭/୭ ଖଡଗୁଡ଼େ ଗଜାଛି, ମୋ ଭାଇ ବଜାଛି ।

Digitized by srujanika@gmail.com

ଏଥିରୁ ସାତ ଅକ୍ଷର ବୃତ୍ତ ଆସିଅଛି

(୨୦)୧୧ ଅମେ ସାତ ଗିଲ, ଓଡ଼ା ପୁକରୁ ? ଯାତୁଡ଼ା ଗୃହସ୍ଥ କାହିଁ ଅଣିରୁ ?
୧୧/୧୨ ଅମ ପାଞ୍ଚର ମେଦରୁ ବଡ଼, କାଲିକି ଅଗ୍ରୁ ଗୃହସ୍ଥ ଚୋଇତ ।
୧୨/୧୧ ଗୃହସ୍ଥ ବୋଇତର ଉପରେ ଘିଅ, କପା କାଟୁଥିବା ଭଜାଙ୍କ ଝିଅ ।
୧୧/ କପା କାଟୁ କାଟୁ ପାଇଲା ବଡ଼, ଚୋର ନେଇଗଲା କଜଳ ପାଡ଼ ।
୯/ କଜଳପାଡ଼ ହଜିଗଲା, ଖୋଜୁ ଖୋଜୁ ବୁଡ଼ିଯାଇଲା ।
୯/୧୧ ଯାତ୍ରା ରାତ୍ରି, ପାଉ ଦୀପ, ଝୁଣ୍ଟିଆ ଲଗଇ ଅଉ ବନ୍ଧୁପ ।

ସମାନରେ ଏବଂ ଯୋଗ କରାଗଲେ ଏଥିରୁ ଗୃହଗୋଟି ରାଗ ଅସିଲାପରି ଅନୁମିତ ହେଉଅଛି ।

(୨୧)୧୫/୧୪ ହାଥି ଚିକଣ ମାଗି ଗଲ ନନ୍ଦ ସୁତ ଘର
ନନ୍ଦ ସୁତ ବଇଧିଲେ ଗମ୍ଭୀର ଭିତର ।
୧୫/୧୫ କାକା ହାଣ୍ଡି ଧଇରଛୁ ବୁଧ, ହସ୍ତେ ନାହିଁ କଳା
କାକା ଖୋସା ଖୋସିଛୁ ବୃଥା କଦମ୍ବରମାଳା ।
୧୪/୧୪ କଦମ୍ବର ମାଳା ଗୋଟି ନାଗେଶ୍ୱର ଫୁଲ
ନାଗେଶ୍ୱର ଫୁଲ ଗୋଟି କେତକର ମୂଳ ।
୧୪/୧୪ ସଙ୍ଗତ୍ର ପଛାରେ ପ୍ରଭୁ ଖେଳ ଖେଳୁଥିଲେ
ଭାଇଯେ ଭ୍ରାନ୍ତାକୁ ଦେଖି ଅଞ୍ଜଳ୍ପଗା ଦେଲେ ।

ସମାନ ଏବଂ ଯୋଗରେ ଏଥିରୁ ଭିନ୍ନ ଭିନ୍ନ ରାଗମାନ ବାହାରି ଅଛି ।

(ଉତ୍କଳ ଭାଷାର ଛନ୍ଦମାନ ଢଗ, ଢମାଳି, ଦୋଳଗୀତ ଏବଂ ଓଷାଗୀତ-ମାନଙ୍କରୁ ଅସିଅଛି ବୋଲି ଇତିପୂର୍ବେ ଯାହା କୁହାଯାଇଅଛି ତାହା ସତ୍ୟ ମାତ୍ର ଉତ୍କଳ ଭାଷାର ଢଗ, ଦୋଳଗୀତ ପ୍ରଭୃତିରେ କୌଣସି କୌଣସିଠାରେ ମାତ୍ରା ଏବଂ ମିତାକ୍ଷରର ନିୟମମାନ ରକ୍ଷିତ ହୋଇଥିବାର ଦୃଶ୍ୟ ହେବାରୁ ଏମାନେ ପ୍ରାଚୀନ ପ୍ରାକୃତ ପିଙ୍ଗଳଭାଷାରୁ ଅସିଲାପରି ବୋଧ ହେଉଅଛି ।)

ସ୍ୱର୍ଗୀୟ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ତାହାଙ୍କ ପ୍ରବନ୍ଧାବଳୀରେ ଏହି ଛନ୍ଦ ବିଷୟରେ ଯାହା ଲେଖିଅଛନ୍ତି ତାହା ମଧ୍ୟ ଥରେ ପାଠ କରି ଦେଖନ୍ତୁ । ଓଡ଼ିଆ ଭାଷାରେ ଛନ୍ଦମାନ ବ୍ୟଞ୍ଜନ ଛନ୍ଦଠାରୁ ଆରମ୍ଭ ହୋଇଅଛି । (ପ୍ରଥମେ ସେହି ଛନ୍ଦମାନ ଢଗ, ଦୋଳି, ଏବଂ ଓଷାଗୀତମାନଙ୍କରେ ବ୍ୟବହୃତ ହୋଇଅଛି ସେହି ଛନ୍ଦମାନ କାହିଁରୁ କପରି ଆସିଅଛି ତାହା ଆଲୋଚନା କର । ବୁଧ ।)

Digitized by srujanika@gmail.com

୧

ଷଷ୍ଠାକ୍ଷର ଛନ୍ଦ

ଓଡ଼ିଆ—ହୋକେସି ଦର୍ଶେନ୍ଦ୍ରିୟ (ଢଗ)

ପ୍ରାକୃତ, ପିଙ୍ଗଳ—ତାଳୀଏ, ଜାଣିଏ।

ଗୋ ବର୍ଣ୍ଣୀ, ଉ ଦୁର୍ଣ୍ଣୀ।

ଏହି ସମ୍ବନ୍ଧେ ରାଜଗୁରୁ ଲେଖିଅଛନ୍ତି—"ପ୍ରାକୃତ ଛନ୍ଦରେ ବର୍ଣ୍ଣ ସବୁ ଗୁରୁ ଓ ଯତିର ସ୍ଥାନ ଶେଷାକ୍ଷର; ଓଡ଼ିଆ ଛନ୍ଦରେ ମଧ୍ୟ ସବୁ ଗୁରୁ ବର୍ଣ୍ଣ ଓ ଶେଷାକ୍ଷର ଉପରେ ଯତିପାତ"।

ଏହା ଠିକ ହୋଇ ନାହିଁ, ଓଡ଼ିଆ ଛନ୍ଦର ପ୍ରଥମ ପାଦର ପ୍ରଥମ ଦୁଇ ଅକ୍ଷର ଗୁରୁ ଓ ଶେଷାକ୍ଷର ଲଘୁ ଏବଂ ଦ୍ୱିତୀୟ ପାଦର ସବୁ ଗୁରୁ, ପ୍ରାକୃତର ସବୁ ପାଦଯାକ ଗୁରୁ ବର୍ଣ୍ଣ, ଯତିପାତ ମାତ୍ର ଉଭୟ ଛନ୍ଦରେ ସମାନ।

୨

ଚତୁରକ୍ଷର ଛନ୍ଦ

ଓଡ଼ିଆ — ପେଟ ପୋଷ, ନାହିଁ ଦୋଷ (ଢଗ)

ପ୍ରାକୃତ ପିଙ୍ଗଳ — ଦେଉ ଦେଉ, ସମ୍ଭୁ ଦେଉ ଛାୟାପିସ, ଚନ୍ଦ ଈସ।

ଉପରୋକ୍ତ ଛନ୍ଦଯାକରେ ଲଘୁ ଗୁରୁ ଓ ଯତିପାତ ସମ୍ବନ୍ଧେ ଯାହା ରାଜଗୁରୁ ମହାଶୟ ଲେଖିଅଛନ୍ତି ତାହା ସମାନ ଅଛି।

୩

ପଞ୍ଚାକ୍ଷର ଛନ୍ଦ

ଓଡ଼ିଆ—ବ୍ରାହ୍ମଣ ଯାତ, କପାଳେ ହାତ (ଢଗ)

ଗଛକୁ ଛତା, ପାଣିକି ଜୋତା।

ପ୍ରାକୃତ ପିଙ୍ଗଳ—ଧୋମିହ କନ୍ତା, ଦୂର ଦିଗନ୍ତା

ଆଉସ ଅନ୍ତେ, ରେଉ ଜୁଲନ୍ତେ।

(ଓଡ଼ିଆ ଭାଷାରେ ଗୁରୁବର୍ଣ୍ଣର ଲଘୁ ଉଚ୍ଚାରଣ ଓ ଲଘୁବର୍ଣ୍ଣର ଗୁରୁ ଉଚ୍ଚାରଣ ହେବାର ପ୍ରାୟ ସବୁଦା ଦୃଷ୍ଟ ହୁଏ। ଉପରୋକ୍ତ ଢଗ ଏଥିର ଗୋଟିଏ ଦୃଷ୍ଟାନ୍ତ 'ଛ' ଓ 'ପା' ଦୀର୍ଘାକ୍ଷର ହେଲେ ମଧ୍ୟ ଢଗ ମେଳଲା ବେଳେ ଏମାନଙ୍କର ଦୀର୍ଘ ଉଚ୍ଚାରଣ ହୁଏ ନାହିଁ। ଆପଣାର ମତ ସମର୍ଥନ କରିବା ପ୍ରକାଶ ରାଜଗୁରୁ ମହାଶୟ ଏହିପରି ଲେଖିଅଛନ୍ତି ମାତ୍ର ଏହା ସର୍ବସମ୍ମତ ନୁହେ।)

ଓଡ଼ିଆର ପ୍ରଥମ ଢଗର ପ୍ରଥମ ପାଦରେ ଦୁଇଗୋଟି ଗୁରୁ ଏବଂ ଦ୍ୱିତୀୟ ପାଦରେ ତିନିଗୋଟି ଗୁରୁବର୍ଣ୍ଣ ଦେଖାଯାଏ ଏବଂ ଦ୍ୱିତୀୟ ଢଗର ପ୍ରଥମ ପାଦରେ

Digitized by srujanika@gmail.com

'ଭୁଜଙ୍ଗୋଃ ଗୁରୁ ଓ ଦ୍ୱିତୀୟ ପାଦରେ ତିନଗୋଟି ଗୁରୁବର୍ଣ୍ଣ ଦେଖାଯାଏ ।

ଯଥା ବ୍ରାହ୍ମଣ ଭାତ, କପାଳେ ହାତ

(୨) ଛଇଳ ଛଟା, ପାଣିକ ଯୋଡା ।

ପ୍ରାକୃତ—ଯୋ ମିହ କନ୍ତା, ହୁଅ ଦଗନ୍ତା,

ପାଣ୍ଡପ ଅଟେ, ତେଉ ଡୁଲାବେ ।

ପ୍ରାକୃତ ଛନ୍ଦର ପ୍ରତ୍ୟେକ ପାଦରେ ତିନ ତିନ ଗୁରୁ ବର୍ଣ୍ଣ ଦେଖାଯାଏ । ଓଡ଼ିଆ ଢଗ ପ୍ରାକୃତରୁ ଆସିଅଛି ସତ, ମାତ୍ର ଯତିପାତ ଉଭୟ ଛନ୍ଦର ସମାନ ହେଲେ ମଧ୍ୟ ଗୁରୁ ଲଘୁ ସମ୍ବନ୍ଧେ ଅବଶ୍ୟ ପାର୍ଥକ୍ୟ ଅଛି ।

ଛଇଳ ଛଟା, ପାଣିକ ଯୋଡା (ଢଗ)

ସଂସ୍କୃତ ତୁଙ୍ଗମାଳା ।

ରୁଚିର ନଖେ ରୁଚିର୍ ପଖେ ।

ଦଳିତରଭି ର୍ଜନତତି ।

(ଓଡ଼ିଆ ଢଗ ସଂସ୍କୃତରୁ ଆସିଅଛି ବୋଲି ରାଜଗୁରୁ ଲେଖିଅଛନ୍ତି । ଏହା ତାହାଙ୍କର କେବଳ ଭ୍ରମ, କାରଣ ସଂସ୍କୃତ ଛନ୍ଦରେ ଗଣ ନିୟମ ଓ ଯତିପାତ ପ୍ରଧାନ, ପ୍ରାକୃତ ଛନ୍ଦରେ ମାତ୍ରା ନିୟମ, ଯତିପାତ ଓ ମିତ୍ରାକ୍ଷର ରକ୍ଷିତ ହୁଏ ଏବଂ ଓଡ଼ିଆ ଭାଷାରେ କେବଳ ଯତିପାତ ଓ ମିତ୍ରାକ୍ଷର ମିଳନ ପ୍ରଧାନ, ଅତଏବ ପ୍ରାକୃତ ଛନ୍ଦରୁ ଓଡିଆ ଛନ୍ଦ ହୋଇଅଛି ବୋଲି କହିଲେ ଯେତେଦୂର ଯୁକ୍ତି ସଙ୍ଗତ ହୋଇପାରେ, ସଂସ୍କୃତରୁ ଓଡିଆ ଛନ୍ଦ ଆସି ଅଛି ବୋଲି କହିଲେ ସେତେଦୂର ଯୁକ୍ତି ସଙ୍ଗତ ହୋଇ ନପାରେ ।)

୪

ଷଡ଼କ୍ଷର ଛନ୍ଦ

ଓଡିଆ ଚି ତ୍ତ' ଜାଣେ ଧା ପ'

ମା ଆ ଜା ଣେ ଦା ସ' ।

ପିଙ୍ଗଳ ଧ ଅାଁ ସର ବୀ ଅ, ମ ଣୀ ବୁଣ ଜୀ ସ୍ତୁ

ଦ' ହି ଲ' ହୁ ଅ ନ୍ତ', ସ' ମା ଳ' ଇ କ ନ୍ତ ।

ଏହି ଛନ୍ଦ ସମ୍ବନ୍ଧେ ରାଜଗୁରୁ ମହାଶୟ ଯତିପାତ ଓ ମିତ୍ରାକ୍ଷର ବିଷୟରେ କହିଅଛନ୍ତି ମାତ୍ର, ଗୁରୁ ଲଘୁ ସମ୍ବନ୍ଧେ କିଛିହେଁ କହି ନାହାନ୍ତି । ଉକ୍ତ ଛନ୍ଦମାନଙ୍କରେ ଗୁରୁ ଓ ଲଘୁ ବର୍ଣ୍ଣର ପରିଚୟ ପ୍ରକାଶ ଚିହ୍ନମାନ ପ୍ରଦତ୍ତ ହୋଇଅଛି, ସେହି ଚିହ୍ନ-ମାନଙ୍କ ଦ୍ୱାରା ପାଠକେ ଗୁରୁ ଲଘୁ ସ୍ଥଳରେ ଜାଣିପାରିବେ (—) ଏହି ଚିହ୍ନଟି

Digitized by srujanika@gmail.com

ଗୁରୁ କର ଓ (✓) ଏହ ଚହ୍ନକୁ ଲଘୁ କହ ।

*

ସପ୍ତାକ୍ଷର ଛନ୍ଦ

ଓଡ଼ିଆ—ଦୁର୍ଜନ ସଙ୍ଗମେଳେ

ମୃତ୍ୟୁହୁଏ ଅକାଳେ (ଢଗ)

ଓଡ଼ିଆରେ ଏହ ଢଗ ଅଛି କି, ନା ସନ୍ଦେହ । ରାଜଗୁରୁ ଏହାକୁ ଢଗ ବୋଲି କହିଅଛନ୍ତି । ଏହ ଢଗର ଛନ୍ଦ ସଂସ୍କୃତ ଛନ୍ଦରୁ ଆସିଅଛି ବୋଲି କହି ଛନ୍ଦୋମଞ୍ଜରୀରୁ ଗୋଟିଏ ଶ୍ଳୋକ ଉଦାହରଣ ଦେଇ ଅଛନ୍ତି । ଆମ୍ଭ ମତରେ ଓଡ଼ିଆ ଛନ୍ଦ କଦାପି ସଂସ୍କୃତରୁ Direct ରେ ଆସିନାହିଁ ମାତ୍ର ସଂସ୍କୃତରୁ ପ୍ରାକୃତକୁ ଏବଂ ପ୍ରାକୃତରୁ ଓଡ଼ିଆକୁ ଆସିଅଛି । ଓଡ଼ିଆ ଛନ୍ଦ କେବଳ ପ୍ରାକୃତ ଛନ୍ଦରୁ ଆସିଅଛି ବୋଲି ରାଜଗୁରୁ ମହାଶୟ ତାହାଙ୍କ ପ୍ରବନ୍ଧର କୌଣସି କୌଣସିଠାରେ ନିଜେ ସ୍ୱୀକାର କରି ଅଛନ୍ତି । ତାହାଙ୍କ ପ୍ରବନ୍ଧର ତୃତୀୟ ପୃଷ୍ଠାରେ ସେ ଲେଖିଅଛନ୍ତି—

"ଉପରୋକ୍ତ ଛନ୍ଦମାନଙ୍କରେ ଶେଷାକ୍ଷର ମେଳ ଦେଖିଲେ ଏ ସବୁ କେବଳ ପ୍ରାକୃତରୁ ଆସିଥିବାର ଅନୁମାନ ହୁଏ" ।

ସପ୍ତାକ୍ଷର ଛନ୍ଦରେ ଗୋଟିଏ ଚୌତିଶା ଅଛି, ତଦ୍ୱାରା ବାଳକମାନେ ବର୍ଣ୍ଣ ଶିକ୍ଷା କରନ୍ତି । ଏହ ଚୌତିଶା ହରି ବାଘ ନାମକ କବି ରଚନା କରି ଅଛନ୍ତି ।

ଯଥା—କ, କ, କାଳିନ୍ଦୀତୀରେ ୨

ଖ, ଖ, ଖେଳନ୍ତି ଧୀରେ

ର, ର, ରସିକ ସିନ୍ଧୁ

ଲ, ଲ, ଲାବଣ୍ୟ ବନ୍ଧୁ

ହ, ହ, ହରିଦାସିଆ

କ୍ଷ, କ୍ଷ, କ୍ଷମାକରିଆ

ଏହା ରାଜଗୁରୁ ମଧ୍ୟ ତାହାଙ୍କ ପ୍ରବନ୍ଧରେ ଉଲ୍ଲେଖ କରି ଅଛନ୍ତି ।

ଏହ ଛନ୍ଦର କୌଣସି ନାମ ନାହିଁ ମାତ୍ର ଏହାକୁ ସପ୍ତାକ୍ଷରୀ ଛନ୍ଦ କିମ୍ବା ଢଗ ବୃତ୍ତ ବୋଇଲେ ଚଳେ ।

୭

ଅଷ୍ଟାକ୍ଷରଠାରୁ ସମସ୍ତ ଓଡ଼ିଆ କବିମାନେ ପଦ୍ୟାରମ୍ଭ କଲେ, ଏହ ଅଷ୍ଟାକ୍ଷରରେ ମଧ୍ୟ ଢଗ ଅଛି । ଏହ ଢଗ ପ୍ରାକୃତରୁ ଆସିଅଛି । ଏହ ଢଗରୁ କବିମାନେ ପଦ୍ୟ ରଚନା କରି ଅଛନ୍ତି ।

Digitized by srujanika@gmail.com

ଓଡ଼ିଆ (ଢଗ)—ଧନଜନ ପରିବାର, କେହି ନୋହେ ଆପଣାର
ପିଙ୍ଗଳ—କମଳ ଭ୍ରମର ଜୀବୋ, ସଜଳ ଭୂଅଣ ପୀବୋ ।

ଉଭୟ ଛନ୍ଦରେ ଜତିପାତ ଓ ମିତାକ୍ଷର ସମାନ ମାତ୍ର ଗୁରୁ ଲଘୁ ଭେଦରେ ପାର୍ଥକ୍ୟ ଅଛି । ପ୍ରାକୃତରେ ଗୁରୁ ଲଘୁ କ୍ରମରେ ରଚିତ ହୁଏ ମାତ୍ର ଓଡ଼ିଆରେ ସେପରି ଦେଖାଯାଏ ନାହିଁ । ଏହି ଅଷ୍ଟାକ୍ଷରୀ ଛନ୍ଦକୁ କବିମାନେ ଭିନ୍ନ ଭିନ୍ନ ନାମ ଦେଇ ଅଛନ୍ତି, ଛନ୍ଦ ନାମରେ ଏହି ସମସ୍ତ ପ୍ରଚଳିତ ହୋଇଅଛି । ଅଷ୍ଟାକ୍ଷରୀ ଛନ୍ଦରେ ଦୁଇପାଦ ବିଶିଷ୍ଟ ଓ ଚାରିପାଦ ବିଶିଷ୍ଟ ପଦ୍ୟମାନ ଦେଖାଯାନ୍ତି । ରାଜଗୁରୁ ମହାଶୟ ତାହାଙ୍କ ପ୍ରବନ୍ଧରେ ଏହି ଛନ୍ଦ ସମ୍ବନ୍ଧେ ବିଶେଷ ଲେଖି ଅଛନ୍ତି ତାହା ଦ୍ରଷ୍ଟବ୍ୟ ।

୭

ନବାକ୍ଷର ଛନ୍ଦ

ଓଡ଼ିଆ ଢଗ—ହାତ ହେଲେ ବାଉ ଖାଏ
ପେଟର ପୋକ ଅନାଉ ଥାଏ
ପ୍ରା: ପିଙ୍ଗଳ—ବାଅନ୍ତା ମନ୍ଦା ପୀଅ ବାଅ ।
କମ୍ପନ୍ତା ଗାଅ କନ୍ତାଣାଅ

ଉଭୟ ଛନ୍ଦରେ ଯତିପାତ ସମାନ ଏହି ଢଗରୁ ଗୁରୁତ୍ୱ ସ୍ଥାନ ଅସିଅଛି । ଏହି ଢଗର ଦ୍ୱିତୀୟ ଚରଣରେ ନଅ ଗୋଟି ଅକ୍ଷର ଅଛି, ମାତ୍ର ପ୍ରଥମ ଚରଣରେ ଅଠୋଟି ଅକ୍ଷର ମାତ୍ର, ଢଗରେ ଅନେକ ସ୍ଥଳରେ ଏହିପରି ଅସମାନ ପାଦମାନ ଦେଖାଯାଏ । ପଦ୍ୟରେ ଦୁଇଚରଣ ସମାନ ।

(ଯଥା) ଆରମ୍ଭମାନ ନିବର୍ଜି ।
ସର୍ବ ବିଚାର ମାୟାମୟୀ । (ଭାଗବତ)

ପଦ୍ୟରେ ଯତିପାତ ସୁନ୍ଦରରୂପେ ରକ୍ଷିତ ହୁଏ । ଏହି ଛନ୍ଦ ସମ୍ବନ୍ଧେ ରାଜ-ଗୁରୁ ତାହାଙ୍କ ପ୍ରବନ୍ଧରେ ବିଶେଷରୂପେ ଲେଖିଅଛନ୍ତି । ଏହି ଛନ୍ଦ ପ୍ରାକୃତରୁ ଅସିଲ୍ଲ ପ୍ରଭୃ ମଧ୍ୟ ଭାଗବତରୁ ପ୍ରମାଣ ମଧ୍ୟ ଦେଇଅଛନ୍ତି ।

୮

ଦଶାକ୍ଷର ଛନ୍ଦ, ଏହାର ସମସ୍ତ ବିଷୟ ଛନ୍ଦ ନାମରେ ପ୍ରଚଳିତ ହୋଇଅଛି ।

ଓଡ଼ିଆ (ଢଗ)—ଦେଖିନେଲ ହରି ଖାଇଲେମଡ଼ି
ତାହା ସଙ୍ଗେ କ ପୀରତି ବଢ଼ି
ପ୍ରା. ପିଙ୍ଗଳ—ସଉଦ ସୁଧା ଅରବ ଅଣା
ଭୂଅଅସ ଗୌରୁହଣ ଅଣା

Digitized by srujanika@gmail.com

ଉଭୟ ଛନ୍ଦରେ ଯତିପାତ ପଞ୍ଚମ ଓ ଶେଷାକ୍ଷର ଉପରେ ପଡ଼େ ।

ଓଡ଼ିଆ—କୋପ କଲେ ଏଣୁ ବକଧର
ବକୁ ପ୍ରହାରିଲେ ଏହା ଉର । (ବିଚିତ୍ରରାମାୟଣ ।)

ପ୍ରା: ପିଙ୍ଗଳ—ଦୀହ ଲହୁ ଜୁଅ ଦୀହଲହୁ
ସାରବ ଣଧୁଅ ଛନ୍ଦକହୁ ।

ଏହି ଉଭୟ ଛନ୍ଦରେ ଷଷ୍ଠ ଓ ଶେଷାକ୍ଷର ଉପରେ ଯତିପାତ ହୋଇଅଛି । ପ୍ରାୟ ସମସ୍ତ ଛନ୍ଦରେ ପ୍ରାକୃତ ଓ ଓଡ଼ିଆ ମଧ୍ୟରେ ଯତିପାତ ଓ ମିତ୍ରାକ୍ଷର ମିଳନ ସମାନ କରୁ ମାତ୍ରା ସମ୍ବନ୍ଧେ ଉଭୟ ମଧ୍ୟେ କେତେହେଁ ସୌସାଦୃଶ୍ୟ ନାହିଁ । ଏହି ଛନ୍ଦ ସମ୍ବନ୍ଧେ ରାଜଗୁରୁ ତାହାଙ୍କ ପ୍ରବନ୍ଧରେ ଅନେକ କଥା ଲେଖିଅଛନ୍ତି ଯାହା ଦେଖିବା ଯୋଗ୍ୟ ।

୯

ଏକାଦଶାକ୍ଷର ଛନ୍ଦ

ଓଡ଼ିଆ ଢଗ—ଦେହଟି ସରୁଆ ମୁହଁଟି ଚେପା
ଏହାକୁ ପରତେ ନଯିବ ବାପା

ଛନ୍ଦ—କର୍ଣ୍ଣେ ନନ୍ଦସୁତ ହେବା ଶୁଣିଲେ
କଳାଙ୍କର ମୁଖୀ ଗୋପି ଧାଇଁଲେ

ପ୍ରା: ପିଙ୍ଗଳ—ଦିଜ୍ଜେ ଛ ଅଗ୍ଗଜ, ଅ ଲା ପିଏସୁ
ଅନ୍ତେଣ ରେନ୍ଦୋ ଗୁରୁକ-ଗୁସେହ
ଜେମ୍ପ ଫଣିନ୍ଦା ଧ ଅ ଇନ୍ଦ ବଜ୍ଜା
ମତ୍ତା ବହା ଅଠ୍‌ଠ ସମା ସୁପଜ୍ଜା ।

ଏକାଦଶାକ୍ଷର ଛନ୍ଦକୁ କବିମାନେ ଭିନ୍ନ ଭିନ୍ନ ନାମକରଣ କରିଅଛନ୍ତି । ଯଥା ଚକ୍ରକେଳି, ଜଳକ୍ରୀଡ଼ା, ବୋଲି, ଦେଶାକ୍ଷ, ମାଳବ, ଚଳଘଣ୍ଟା ପ୍ରଭୃତି । ଏହାର ନକ୍ସମାନ ଛନ୍ଦ ବିଷୟରେ ପ୍ରଦତ୍ତ ହୋଇଅଛି । ଏହି ଛନ୍ଦର ଇତିହାସ ରାଜଗୁରୁ ତାହାଙ୍କ ପ୍ରବନ୍ଧରେ ବହୁତ ପରିମାଣେ ଲେଖିଅଛନ୍ତି । ଅତଏବ ସେ ସବୁ ଏଠାରେ ପ୍ରଦତ୍ତ ହେଲୁନାହିଁ ।

୧୦

ଓଡ଼ିଆ ଦ୍ୱାଦଶାକ୍ଷର ଛନ୍ଦ

ଏହି ଛନ୍ଦ ଓଡ଼ିଆ ଦୋଳଗୀତରୁ ଆସିଅଛି । ଓଡ଼ିଆ ଦୋଳଗୀତ—

ଦୋଳ ଦୋଳାଇଲ ନା ଦେଲଲୁ ହୀର

Digitized by srujanika@gmail.com

ବାରମାସି ଧାନ ସବୁ କଳାକରା,
ସବୁ କଳାକରା କାକା ମୁଣ୍ଡେ ରଖି
ବାପାମୁଣ୍ଡେ ପାଠ ନନା ମୁଣ୍ଡେ ଦଧି

ଏହି ଛନ୍ଦର ସାଧାରଣ ନାମ କଳହଂସ କେଦାର । ଏହି ଶ୍ରେଣୀର ଅନେକ ଛନ୍ଦ ଅଛି । ତନ୍ମଧ୍ୟରୁ କେତେକ ଦୁଇ ଚରଣ,ଅନ୍ୟ କେତେକ ତ୍ରିଚରଣ । ଏହାର ନିୟମମାନ ଛନ୍ଦ ନିୟମରେ ପ୍ରଦତ୍ତ ହୋଇଅଛି । ରାଜଗୁରୁ ମଧ୍ୟ ଏହାର ଇତିହାସ ତାହାଙ୍କ ପ୍ରବନ୍ଧରେ ଲେଖିଅଛନ୍ତି ।

୧୧

ଓଡ଼ିଆ ତ୍ରୟୋଦଶାକ୍ଷର ଛନ୍ଦ ଓଡ଼ିଆ ଢଗରୁ ଆସିଅଛି ।
ଯଥା—ମୋର ସଉତୁଣୀ ପଡ଼ୁଥିବ ପୋକଢ଼ ।
ଓଗାଇ ଦେବିଲ ନାଗସାପର କାଢ଼ ॥ (ଢଗ)

ଏହି ତ୍ରୟୋଦଶାକ୍ଷର ଛନ୍ଦ ଯତି ଭେଦରେ ଭିନ୍ନ ଭିନ୍ନ ରାଗ ହୋଇଅଛି । ଯତି ଭେଦ ନଥାଇ ଏହିଛନ୍ଦ ଭିନ୍ନ ଭିନ୍ନ ରାଗ ହୋଇଅଛି ବୋଲି ରାଜଗୁରୁ ଯାହା ଲେଖି ଅଛନ୍ତି ତାହା ମଧ୍ୟ କେତେଦୂର ପର୍ଯ୍ୟନ୍ତ ସତ୍ୟ । ଏହିଛନ୍ଦର ଭିନ୍ନ ଭିନ୍ନ ରାଗ ସମ୍ବନ୍ଧେ ଛନ୍ଦ ନିୟମରେ ପ୍ରଦତ୍ତ ହେଲା । ଯଥା—ଦେଶାକ୍ଷ, ସଙ୍ଗମଭିଆରବାଣୀ, ମଙ୍ଗଳ ଗୁଜ୍ଜରୀ, ବଡ଼ଦେଶାକ୍ଷ, ଚନ୍ଦ୍ରଦେଶାକ୍ଷ ପ୍ରଭୃତି । ମଙ୍ଗଳକୁ କେହି କେହି ଚତୁର୍ଦ୍ଦଶାକ୍ଷର ଛନ୍ଦରେ ଏବଂ କେହିକେହି ତ୍ରୟୋଦଶାକ୍ଷର ଛନ୍ଦରେ ଲେଖିଅଛନ୍ତି । ଏହିଛନ୍ଦ ପ୍ରକୃତର ତାରକ ଛନ୍ଦତୁଲ୍ୟ । ଏହାର ଉଦାହରଣ ରାଜଗୁରୁଙ୍କ ପ୍ରବନ୍ଧା-ବଳରେ ପ୍ରଦତ୍ତ ହୋଇଅଛି । ପାଠକମାନଙ୍କ ଅବଗତାର୍ଥ ତାହାର ଉଦାହରଣ ଏଠାରେ ପ୍ରଦତ୍ତହେଲା ।

ଉ—ଶରମଞ୍ଜର ଲକ୍ଷିଅ ରଥହି,ଗାଢେ ।
ପର ପକ୍ଷିଅ କେସୁଣ ଥିବଣଅଢେ ।
କଇ ଏଥୁଥି ଦଗନ୍ତର ଜାଇହ କନ୍ତା ।
କଥ ସପୁହଣଛି କି ଣକ୍ଷ ବସନ୍ତା । ପିଙ୍ଗଳ ।
କର ସାଧୁଜନମାନେ ମନକୁ ଏକ
କର ଧୀରେ ଧ୍ୟାନ କାଳା-ଚଳନାୟକ । ର-କ ।

ଏହିଛନ୍ଦ କୌଣସି କୌଣସି ଠାରେ ଦୁଇଚରଣ, କୌଣସି କୌଣସି ଠାରେ ତ୍ରିଚରଣରେ ରଚିତ ହେବାର ଦେଖାଯାଏ । ସାଧାରଣରେ ଏହିଛନ୍ଦରେ ଅଷ୍ଟମ ଓ ତ୍ରୟୋଦଶାକ୍ଷର ଉପରେ ଯତିପାତ ହୁଏ । କୃଷ୍ଣସିଂହଙ୍କ ମହାଭାରତରେ ଇହାର [illegible] ଥାଏ ।

ଯଥା—ତଦଅନ୍ତେ ମହେନ୍ଦ୍ର ପର୍ବତକୁ ଗଲେ ।
ମହା ଘୋରତପସ୍ୟା ବସିଆରମ୍ଭିଲେ । (ଆଦିପର୍ବ)

୧୨

(ଓଡ଼ିଆ ଚତୁର୍ଦ୍ଦଶାକ୍ଷର ଛନ୍ଦକୁ କବିମାନେ ଭିନ୍ନ ଭିନ୍ନ ନାମ ଦେଇ ଅଛନ୍ତି ଯଥା-ମଙ୍ଗଳ, କଳସା, ଭୈରବୀ, ମୁଖାରୀ, ଗୋବିନ୍ଦ ଚନ୍ଦ୍ରବାଣୀ, ଧନାଶ୍ରୀ, ମଧୁ-କଳ୍ୟାଣୀ, ଦକ୍ଷିଣ କାମୋଦୀ ଇତ୍ୟାଦି ।

ବଙ୍ଗ ଦେଶୀୟଙ୍କୁ କେଉଁମାନେ ତ୍ରୟୋଦଶାକ୍ଷର ଛନ୍ଦରେ ଅଉ କେହି-ମାନେ ଚତୁର୍ଦ୍ଦଶାକ୍ଷର ଛନ୍ଦରେ ଗ୍ରହଣ କରି ଅଛନ୍ତି । ଏହି ଛନ୍ଦର ଯତିସ୍ଥାନ ଅଷ୍ଟମ ଓ ଶେଷାକ୍ଷର ଅଟେ । କଳସା ଦୁଇଚରଣ ଏବଂ ଚାରିଚରଣରେ ଅଉ ଏହି ଛନ୍ଦର ଅନ୍ୟ ରାଗମାନ ପ୍ରାୟ ଦୁଇଚରଣରେ ଲେଖାଯାଏ । ଏହି ଛନ୍ଦ ଓଡ଼ିଆ "ଖର୍ଖରୀ" ଗୀତରୁ ଆନୀତ ହୋଇଅଛି । ଯଥା—

ଖର୍ଖରୀମା ଲାଗିଲେ ଛଡ଼ାଇ ଦେବେ ।
ସବୁ ପକ୍ଷୀ ବନହଳଦ ଖର୍ଖରୀକଦେ ।

ଏହି ଛନ୍ଦର ବିଶେଷ କାରଣ ଛନ୍ଦନ୍ୟୂନରେ ପ୍ରବୃତ୍ତ ହୋଇଅଛି ।)

୧୩

ଓଡ଼ିଆ ପଞ୍ଚଦଶାକ୍ଷର ଛନ୍ଦର ନାମ ଭାଟିଆରୀ,
(ଶ୍ରୀକୃଷ୍ଣଲୀଳା) ଯଥା କେବକା ଏ ଜିହ୍ୱା ବେଣୁ
କେହୁଧରେ ଚାଳକ । କେ ଖେମଟା ରଙ୍ଗେ ନାଚେ ଚୂଡ଼ି ବନମାଳକ । ୧

ଏହାର ଯତିସ୍ଥାନ ଅଷ୍ଟମ ଓ ଶେଷାକ୍ଷର । ଏହି ଛନ୍ଦ ଓଡ଼ିଆ ଭଗରୁ ନହୁବା ଖେର୍ଖଣ୍ଡି ଗୀତରୁ ଆସିଅଛି ।

ଯଥା—ଖର୍ଖରୀକି ବରବର ଦଅବଦଶେ ପାଣି ।
ନଇନାଳ ମାଡ଼ିଅସିଲୁ ଝଉଁନାହିଁ କାଣି ।

୧୪

ଓଡ଼ିଆ ଷୋଡ଼ଶାକ୍ଷର ଛନ୍ଦର ନାମ ରାମକେରୀ ।

ଏହାର ଯତିସ୍ଥାନ ନବମ ଓ ଶେଷାକ୍ଷର ।

ଯଥା—ଦେଖରେ ନଳିନୀ ନଳିନୀ,
ନଳିନୀରେ ପୂରିତ ।
ଭ୍ରମନ୍ତି ଭ୍ରମରେ ଭ୍ରମରେ,
ଭ୍ରମରେ ଶୋଭିତ ।

Digitized by srujanika@gmail.com

(ଲାବଣ୍ୟବତୀ)

ଏହି ଛନ୍ଦ ଓଡ଼ିଆ ଶିଶୁ ଖେଳରୁ ଅସିଥିଲା ପରି ବୋଧହୁଏ ।

ଯଥା — ଅମ୍ବ ଟୋଟି ୨ ଖାଉ ଖାଉ
କୋଇଲି ଗୋଟିକପା ।
କମାର ମାଇଲା ଧଇ
ଗୃହକଣିଆ ପପା ।

(୧୫)

ଓଡ଼ିଆ ସପ୍ତଦଶାକ୍ଷର ଛନ୍ଦରନାମ କାଳୀ । ଏହି ରାଗ ଗୁରୁ ଚରଣରେ ଲେଖାଯାଏ । ଏହି ଛନ୍ଦ ପ୍ରାକୃତ ଚର୍ଚ୍ଚରୀ ଛନ୍ଦର ରୂପାନ୍ତର ବୋଲି ରାଜଗୁରୁ କହିଅଛନ୍ତି । ଏହା ବିଶ୍ୱାସ ଯୋଗ୍ୟ ନୁହେ । ଉଭୟ ଛନ୍ଦରେ ପ୍ରତ୍ୟେକ ତୃତୀୟ, ଅଷ୍ଟମ ତ୍ରୟୋଦଶ ଓ ଅନ୍ତ୍ୟବର୍ଣ୍ଣ ଗୁରୁ ବୋଲି ସେ ଯାହା କହିଅଛନ୍ତି ତାହା କେବଳ ଭ୍ରମ । ପ୍ରାକୃତଛନ୍ଦରେ ସେ କହିଲା ପରି ପ୍ରତ୍ୟେକ ତୃତୀୟ, ଅଷ୍ଟମ, ତ୍ରୟୋଦଶ ଓ ଅନ୍ତ୍ୟବର୍ଣ୍ଣରୁ ମାତ୍ର ଓଡ଼ିଆ ଛନ୍ଦରେ ସେପରି ଦେଖାଯାଏ ନାହିଁ । ତାହାଙ୍କ ଦତ୍ତ ଉଦାହରଣ ଦେଖନ୍ତୁ । ଏବଂ ଉଭୟ ଛନ୍ଦର ଯତିପାତର ନିୟମ ସମ୍ବନ୍ଧେ ସେ ଯାହା କହିଅଛନ୍ତି ତାହା ସେହିପରି ନୁହେଁ, ଗଣଉପରେ ନିର୍ଭର । ଯଥା—

ଅଭିର ଜଗଣ ହଥଅ କାହଳ ତାଳ ଦକ୍ଷନ୍ତୁ
ମକ୍ଷଅ । ସଦ ହାର ପଳନ୍ତ ବର୍ଣ୍ଣ ବସଙ୍କଲେ।
ଅବ ବୃଜ୍ଝିଅ । ପିଙ୍ଗଳ ।
ଅଛି କାଉରେ ନିକ କାନ୍ତରେ ଶଙ୍କା ଚଉରେ ଲଜ୍ଜ ।
କୋପ ଅଙ୍କୁର ମହୀ ମୁକୁର କଲ ଚିକୁର ଶୋଭୀ ।

(ଲାବଣ୍ୟବତୀ)

ଏହି ଛନ୍ଦ ଓଡ଼ିଆ ଢଗରୁ ଅସିଥିଲା ପରି ବୋଧ ହେଉଅଛି । ଯଥା——

ସଖିଆ ବୋଲେ ଘଇଅରେ
ଦେଖ ଖୋଲିଅରଗ୍ଳି ।
ଭୂଇମ୍ବ ପାଗ ହୋଇଲେ,
ସାହୁକୁ ଖାଇବା କାଲି ।

(୧୬)

୫ ଓଡ଼ିଆ ଅଷ୍ଟଦଶାକ୍ଷର ଛନ୍ଦରନାମ "କୁମ୍ଭକାମୋଦୀ" । ଏହା ପ୍ରାକୃତର କ୍ରୀଡ଼ା ଚନ୍ଦ୍ରର ଅନୁରୂପ ବୋଲି ରାଜଗୁରୁ ଲେଖିଅଛନ୍ତି ।

Digitized by srujanika@gmail.com

ଯଥା—ଜଇନାଦଣା ଏକ୍କ ଶର୍ଣ୍ଣାସ୍ୱହୋବେଇପା ଏହ ପାଏ ।
ହୁଦ୍ଧା ଅଷ୍ଟଠ ବର୍ଣ୍ଣା ସ୍ୱଦ୍ଧାବେଇ ଦର୍ଣ୍ଣାସ୍ଥଟାଏ ସ୍ଥଠାଏ । ଇତ୍ୟାଦି (ପିଙ୍ଗଳ)

ଯେଉଁ ରୂପେ ହସେ ମୁଗ୍ଧ ସୁଧାଂଶେ ଦଶେ ସେ ଦଶୁଛି ।
ଯେଉଁ ରୂପେ ଅସେ ନୂରକ୍ତେ ମୋବସେ ମାନସେ ପଙ୍କୁଛି ।
ଯେଉଁ ରୂପେ ଭାଷେ, ବଚନ କର୍ଣ୍ଣେକ ଏନଣ କହୁଛି ।
ତେବେ ଅନ୍ତାନ୍ତ ଶୀତଳ କରୁଥିଲା ଏବେ ତ ଦହୁଛି ।
ଲ । ବ ।

ଏହିଛନ୍ଦ ଓଡ଼ିଆ ଢଙ୍ଗରୁ ଅସିଅଛି ।
ସଖି ହେ ଟେରିଆ ଉତ୍ତମବୟେ,
ତାହାଁକୁ ବଲଲେ ଦଶ ।
ଗାଁ ମୂରୁଗୁଞ୍ଜା, ବନ୍ଧ ତଳଅ
ଆଉତ୍ରଗ୍ଡଦନ ଚଷ । ତଗ
ଏହାର ଯତିପାତ ସମ୍ବନ୍ଧେ ଛନ୍ଦ ନିୟମରେ ଦିଆ ଯାଇଅଛି ।

(୧୭)

ଓଡ଼ିଆ ବଂଶଗତାକ୍ଷର ଛନ୍ଦର ନାମ "ବଙ୍ଗଳାଶ୍ରୀ" ।

ଏହି ଛନ୍ଦକୁ କେହି ଝରଡବୋଲି, କେହି ଗୁଣ୍ଡପାଗର ବାଣୀ ମଧ୍ୟ କହନ୍ତି । ଏହାର ଯତିସ୍ଥାନ ଷଷ୍ଠ, ଦ୍ୱାଦଶ ଓ ଶେଷାକ୍ଷର ଅଉ କେଉଁ କେଉଁଠାରେ ଦ୍ୱାଦଶ ଓ ଶେଷାକ୍ଷର ମାତ୍ର ।

ଯଥା—ପରବ ତନ୍ଦ୍ର ବଦନାକୁ ଗୋବିନ୍ଦ ବସାଇ ତନୁ ଉପର ।
ପରମରମ୍ୟ ଚିବୁକ ଧରପନ୍ତି ଗୃହ୍ନି କଲେମୂ କଙ୍କର । ବ । ଭ ।

ଏହିଛନ୍ଦ ପ୍ରାକୃତ "ଗୀତା" ଛନ୍ଦର ଅନୁରୂପ ବୋଲି ସାହିତ୍ୟଗୁରୁ ଲେଖିଅଛନ୍ତି ।

ଯଥା—କହିଁ ଆଇହଥି ଣରେନ୍ଦ ବନ୍ଧୁଠବ,
ପାଅପଞ୍ଚମ ଜୋହ୍ନଲୋ ।
କହିଁ ଠାଇକ୍ଷ୍ଣଠହିଁ ହଥି ପାପଇ
ଦୁଦ୍ଧ ଅନ୍ତୁହ ଶୋହ୍ଲୋ ।
ସଇଛନ୍ଦ ଗୀଅଉ ମୁଦ୍ଧିଣୀଅଉ,
ସଙ୍କଲୋଅହ ଜାଣିଓ ।
କୁଳ୍ପ ସିଠ୍ଠି ପିଠ୍ଠି ଉଦାଠ୍ଠି ବଠ୍ଠିଉ ।
ପିଙ୍ଗଳେଣ ବଖାଣିଓ । ପିଙ୍ଗଳ ।

Digitized by srujanika@gmail.com

ଏହି ବଙ୍ଗଳାଶ୍ରୀ ଛନ୍ଦକୁ ବଙ୍ଗଛନ୍ଦାନୁକ୍ରମେ ତ୍ରିପଦୀରେ ମଧ୍ୟ ଲେଖନ୍ତି। ଏହା ଆଧୁନିକ ଯୁଗର କବିମାନେ ବ୍ୟବହାର କରି ଅଛନ୍ତି।

ଏହି ଛନ୍ଦ ଯେଉଁ ଓଡ଼ିଆ ଢ଼ଗରୁ ଅସିଅଛି ତାହା ଏହି

ଏଘର ଲିପିଲି ସେଘର ଲିପିଲି
ମଝିଘର ଲିପୁଥିଲି।
ବାପା ଆଇଲେ ବୋଲି କେଉଁକହିଲଗୋ,
ହାତ ଧୋଇ ଭାତଦେଲି। (ଢ଼ଗ)

ଏହି ବଙ୍ଗଳାଶ୍ରୀ ଛନ୍ଦର ଗାନର ଅନୁକ୍ରମ ଦେଖି ଏହି ଛନ୍ଦ ଗୀତଗୋବିନ୍ଦ ପଞ୍ଚମ ସର୍ଗ ଗୁର୍ଜରୀ ରାଗର ଅନୁକରଣ ବୋଲି କେହି କେହି ଅନୁମାନ କରନ୍ତି। ମାତ୍ର ଏହା ଯଥାର୍ଥ ନୁହେ।

(୧୮)

ଓଡ଼ିଆ ଦ୍ୱାବିଂଶତାକ୍ଷର ଛନ୍ଦରନାମ 'ପାନକୁପାଳ' ନହୁବା ପୋଇ। ସଂସ୍କୃତ ପଦୀ ଶବ୍ଦ ପ୍ରାକୃତରେ 'ପଇ' ହୋଇ ଓଡ଼ିଆ ଭାଷାରେ 'ପୋଇ' ଆକାର ଧାରଣ କରିଅଛି। ଓଡ଼ିଆରେ 'ଛପୋଇ' 'ଚପୋଇ' ଥିଲାପରି, ପ୍ରାକୃତରେ ମଧ୍ୟ 'ଛପ୍ପଅ' 'ଚଉପଅ' ଦେଖାଯାଏ।

ଓଡ଼ିଆ ପୋଇ ବୃତ୍ତ ଓଡ଼ିଆ ବଙ୍ଗଳାଶ୍ରୀ ବୃତ୍ତରୁ ଆସି ଅଛି ବୋଲି ଯାହା ଗ୍ରନ୍ଥକାରରୁ ଲେଖି ଅଛନ୍ତି ତାହା କଦାପି ସତ୍ୟ ହୋଇ ନପାରେ। ପୋଇ ସ୍ୱତନ୍ତ୍ର ଛନ୍ଦ। ଏହି ଛନ୍ଦ ପ୍ରାକୃତ ଛନ୍ଦର ଅନୁକରଣ। ଇହାର ଯତିସ୍ଥାନ ଛନ୍ଦନିୟମ ବର୍ଣ୍ଣନାରେ ନିରୂପିତ ହୋଇଅଛି।

ପୋଇ ଛନ୍ଦର ଉଦାହରଣ—

ହର ମନୋରଥ ସର୍ବପୁରୁଷାର୍ଥ ଦାତ୍ରୀ
ଅବିଚିନ୍ତ୍ୟ ମହାଶକ୍ତି।
ହର ବିଶ୍ୱନାଥ, ପରମ ପଦାର୍ଥ ଅଶେଷ
କ୍ଲେଶମୁଦ ଶମ୍ଭୁଭକ୍ତି।
(ବିଦଗ୍ଧଚିନ୍ତାମଣି)

ଗୁରୁଲଘୁ ଭେଦରେ ବଙ୍ଗଳାଶ୍ରୀ ଛନ୍ଦପୋଇ ଛନ୍ଦ ହୋଇଅଛି ବୋଲି ଗ୍ରନ୍ଥକାରୁ ଯାହା କହିଅଛନ୍ତି ତାହା କେବେ ଓଡ଼ିଆରେ ହୋଇ ନପାରେ। ଓଡ଼ିଆ ଛନ୍ଦରେ ମାତ୍ରା ବିଚାର ନାହିଁ ମାତ୍ର କେବଳ ଅକ୍ଷର ନିୟମ। ଏହା ସର୍ବ ସମ୍ମତ। ଓଡ଼ିଆ ଭାଷାରେ ଅକ୍ଷର ନିୟମାନୁସାରେ ଛନ୍ଦ ହୋଇ ଅଛିବୋଲି ଆମ୍ଭେ ଇତିପୂର୍ବେ

Digitized by srujanika@gmail.com

କରୁଅଛୁଁ । ଏହିଛନ୍ଦ ନିମ୍ନଲିଖିତ ଓଡ଼ିଆ ଢଙ୍ଗରୁ ଅସିଥିଲାପରି ବୋଧ ହେଉଅଛି
——+——+

୨ ୨ ଦନେ ଯାଇଥିଲି ଯମୁନାକୁ ।

ପରେଛଳଛଳ ବାହାରେ ମନାଇ କେମନ୍ତେ ଦେଖିବି କାଳସ୍ତ୍ରୀକୁ (ଢଗ)

(୧୯)

ଓଡ଼ିଆ ଏକୋନବିଂଶାକ୍ଷର ଛନ୍ଦ ଇହାର ନାମକରଣ ଏପର୍ଯ୍ୟନ୍ତ ହୋଇ ନାହିଁ । ଏହିଛନ୍ଦ ଓଡ଼ିଆ ଢଙ୍ଗରୁ ଅସିଅଛି । ଯଥା—
——+——+——×

୨ ୨ ଜାଣିଥିଲିକି ।

ଅଯୋଗ୍ୟନା ଅଧେ ପିତଳ ବୋଲିମୁଁ
ନିକଟ ପକାଇଁ ତୁଳିଥିଲିକି । (ଢଗ)

ଉଠ ଉଠ ଅହେ ସମଯୋଧଗଣ
କରେ କରବାଳ ପଶ ସମରେ ।
ଦେଶଦେଶ ଦୂରେ ଅସୁନ୍ଦି ଯବନ,
ଉଡ଼ୁଛି କେତନ ବାୟୁଭରରେ । (କବିତାବଳୀ)

ଇହାର ଯତିସ୍ଥାନ ଦ୍ୱାଦଶ ଅଷ୍ଟାଦଶ ଓ ଶେଷାକ୍ଷର ।

(୨୦)

ଓଡ଼ିଆ ଚତୁର୍ବିଂଶାକ୍ଷର ଛନ୍ଦର ନାମ ଭୂପାଳ ବା ଘୋଷ । ଏହିଛନ୍ଦ ପ୍ରାକୃତ ଉର୍ମିଳା ଛନ୍ଦପରି ଅଟେ । ଇହାର ଯତିସ୍ଥାନ ଅଷ୍ଟମ ଚତୁର୍ଦ୍ଦଶ ଓ ଶେଷାକ୍ଷର
ଯଥା— ଧୀରତେବୋଉ ଆନନ୍ଦ ବରଯନ ଚନ୍ଦ୍ର
ଏଛନ୍ଦରସ ଫଯାରଯାଇ ।
ଯାଉସ ବାସୀ ରାଧିକା ସୁପ୍ରେମା ରାଧିକା
ମଦନେ ହୋଇ କାତର ତର

୨୧

ଓଡ଼ିଆ ଷଡ଼୍ବିଂଶାକ୍ଷର ଛନ୍ଦରନାମ ବଙ୍ଗଳଶ୍ରୀ ଗୁଣ୍ଡିଚା, ନବୁବା କଟକ ଦେଶାଖ ।
ଏହିଛନ୍ଦର ଯତିସ୍ଥାନ ଅଷ୍ଟମ, ଷୋଡ଼ଶଓ ଶେଷାକ୍ଷର ।

ପାଦ ବଧ ପାତାଳରେ, ଦେଇ ଗମିବସ୍ତୁରେ
ଉର୍ଦ୍ଧ୍ୱକୁ ଗର୍ବ ପଡ଼ିଲ ତାଇ ।
ଭୂର୍ଭୁବଃସ୍ୱ ମହର୍ଜନ ତପ ସତ୍ୟାଦି ଭୁବନ,

Digitized by srujanika@gmail.com

ଗ୍ରାମେ ହୋଇ ମୂଅ୍ କଳେବର ।
ଏହ ଛନ୍ଦକୁ କେଣ ଛନ୍ଦାନୁକ୍ରମେ ଗୁରୁ ବିପଦୀ ମଧ କହନ୍ତି ।

(୨୨)

ଓଡଅ ଭାଷାରେ ଦ୍ଵନବଂଶାକ୍ଷରର ଓ ଏକାବଂଶାକ୍ଷରର ଢ଼ଗମାନ ଅଛି ମାତ୍ର ସେମାନଙ୍କୁ ଅନୁକରଣ କର କେହ ଓଡଅରେ ସମଛନ୍ଦ ବା ବୃତ୍ତ ଏପର୍ଯ୍ୟନ୍ତ ଲେଖି ନାହାନ୍ତି ।

ଦ୍ଵନ ବଂଶାକ୍ଷରର ଢ଼ଗର ଉଦାହରଣ ନମ୍ନରେ ପ୍ରଦତ୍ତ ହେଲା ।

ଯଥା—ଶୃଗାଳ ପଛକେ ଅଧ ଆହେଉ
ଯେଳ ହେଉ ବହଳଅ ।
ସଇଢା ପଛକେ ସାନ୍ଥଅହେଉ
ଲୁମା ହେଉ ଚଉଁରଅ ।

ଏକବଂଶାକ୍ଷର ଢ଼ଗର ପ୍ରମାଣ ଯଥା—
କ୍ଷୀରରେ ଧୋଇଲେ ଖଣ୍ଡରେ ମୋହଲେ ।
ନମ୍ବ କି ମଧୁର ହୋଇବ ।
ଯେତେ ପ୍ରକାରେ ବୁଝାଇ କହଲେ,
ପରକି ଆପଣା ହୋଇବ ।

(୨୩)

ଓଡଅ ଭାଷାରେ ଆଉ କେତେ ଢ଼ଗ ଅଛି ଯେ, ସେମାନଙ୍କ ପ୍ରଥମ ଚରଣର କେବଳ ଗୋଟି ଅକ୍ଷର ଲୁପ୍ତ ହୋଇ ଶେଷାକ୍ଷର କେତୋଟି ଥାଏ, ସେହ ଚରଣର ଶେଷାକ୍ଷର ଦ୍ଵିତୀୟ ଚରଣର ଶେଷାକ୍ଷର ସହତ ମିଳନ ହୁଏ ।

ମାତ୍ର ଦ୍ଵିତୀୟ ଚରଣ ସହତ ପ୍ରଥମ ଚରଣ ମିଳାଇ ଦେଖିଲେ ଯେତେ ଅକ୍ଷର ଲୁପ୍ତ ହୋଇଥାଏ ତାହା ଜଣା ଯାଏ ।

ଯଥା—

(୧)———— ୮ ଅକ୍ଷର ୫+୩
୫ + କଜଉ । ଶଙ୍କୁ ଦଏ ଘଉଛ
(୨)———— ୧୦ ଅକ୍ଷର ୬+୪
୬ + ଛୁଁଉଛନ୍ତି । ପାଣି ବରଷିଲେ କେତେମାନ୍ତି
(୩)—— —— ୧୦ ଅକ୍ଷର ୫+୫
୫ + ତେଲ ଗୁଡଅ । ବାରମାସରେ, ବାରକୁଡଅ ।

Digitized by srujanika@gmail.com

(୪)———— ୧୧ ଅକ୍ଷର ୬+୫

୬+ଯାଠକୁରଯେ । ନପଡ଼ ନ ଝୁଣ୍ଟି ଗ୍ଳରେ ଖୋଷେ ।

(୫)———— ୨୦ ଅକ୍ଷର ୧୨+୮

୧୨+ଘରର ଉପରେ ଘର । ଯଜାଣମୂପର ଛନ୍ଦଅର ଚନ୍ଦ୍ରଭଦଅ ବର ।

(୬)———— ୨୧ ଅକ୍ଷର ୧୨+୯

୧୨+ନଉସି ରସିଲ୍ ରାଇକ । ମଧୁ ମାଲଫକ ବାନ୍ଧାରେ ପକାଇ, ଯଡ଼ିଗଲ୍ ଛଳସାଇକ ।

(୭)———— ୨୨ ଅକ୍ଷର=୧୨×୧୦

୭×୭×ଦନେ ଯାଇଥିଲ ଯମୁନାକୁ ।

ଘରେଛନ୍ନଛନ୍ନ ବାହାରେ ମନଯେ କେମନ୍ତେ ଦେଖିବ କାଳଅକୁ ।

(୮)———— ୨୩ ଅକ୍ଷର ୧୮×୫

୭×୭×୭×ଜାଣିଥିଲକ ।

ଅଧେଯୂନା ଅଧେ ପିତଳ ବୋଲମୁ

ଦକଛ ପକାଇ ଭୁଲଥିଲକ ।

ଏହ୍ମଗରୁ ସମଛନ୍ଦ ଶ୍ରେଣି ଭୁକ୍ତ । ସ୍ତ୍ରୀମାନେ ଏପର ଅନେକ ଢ଼ଗ ସମସ୍ଥାନ-ଯାନର କହୁଥାନ୍ତି । ତହିଁରେ ଛଳ, ବ୍ୟଞ୍ଜନା, ଅନନ୍ଦ, ଦୁଃଖ ପ୍ରଭୃତି ଚହ୍ନ ଦ୍ରହ୍ନାଇଥାଏ ।

——+ରଙ୍ଗ ରଙ୍ଗତା । ପାଣିଦେଲେ ଗଛ ମର ଯାଥନ୍ତି । ୧୧

— ——+ଅଯୋଗ ଯୋଗ । କୁଣ୍ଡାଖାଇକଦେଖ ନ ସଭଭୋଗ । ୧୨

———×ଭୁଛକୁ ଭୁଛ ।

ଭୁଛ କାଞ୍ଜିପାଣି ମନମୁରୁଛ । ୧୧

————×ଭୁଛକୁ ଏତେ ।

ଗୋଡ଼େ ମୁଦକାହିଁ, କଟ୍ଟୁ କେତେ ୧୧

———×ଦଅକୁ ଦଅ ।

ଅଦଅକୁ ଦୁଅରଦଅ । ୯

ପୁଅକାର ଝିଅକାର ।

ବାଇଦ ବାଜୁଛି ଅରଚାର ।

କାରମୁଅ । କାରନୋଉ ।

Digitized by srujanika@gmail.com

ଧୋବଲୁଗା ପିନ୍ଧିଲେ ଉତ୍ତମଜାଡ଼ ।
ସଲଜବାଇ ନଲଜ ବାଇ ।
ଅଡ଼ଅଲ୍ପସ୍ତୁ ହେଲେ ନାହି ନାଚଇ ।

ଛନ୍ଦର ନିୟମାବଳୀ

ତୃତ୍ୟ ଭାଗ

ଛନ୍ଦର ନିୟମାବଳୀ

ଓଡ଼ିଆ ଭାଷାର ସମ ଓ ବିଷମ ଛନ୍ଦ ମାନଙ୍କର ସମସ୍ତ ନିୟମମାନ ତଳରେ ପ୍ରଦତ୍ତ ହେଲା

(୧) ସପ୍ତାକ୍ଷରୀ ଛନ୍ଦ—୭ X ୨ = ୧୪ ଅକ୍ଷର
ଜଳ ଜାଳନୀତରେ ।
ଖଗ ଖେଳନ୍ତିଧୀରେ ।

(୨) X ନଳନୀ ଗୌଡ଼ା
ଅଷ୍ଟାକ୍ଷରୀଛନ୍ଦ—୮ X ୪ = ୩୨ ଅକ୍ଷର
ଦୁଧମୁଣ ଏକଲମ୍ଭେ । ବାତଯୂତ ସୁବଳମ୍ଭେ ।
ବମ୍ଭଲେ, ସୁଖେଛା-ମଯୀ । ବାସର ପ୍ରବେଶ ଅସି ॥ ବୈ ବ ।

(୩) ଗୁହ୍ମସ୍ତୀ । ୯ । ୯ X ୨ = ୧୮ ଅକ୍ଷର
ନମସ୍ତେ ନୃସିଂହ ଚରଣ ।
ଅନାଦି ପରମ କାରଣ ॥ (ଭାଗବତ)

(୪) ଭୈରବ । ୮ । ୮ X ୪ = ୩୨ ଅକ୍ଷର
କଉଶିକ ସଙ୍ଗେ ରାମ । ଗଲେ ଗଉତମାଶ୍ରମ ।
ଦେଖିଲେ ତାଙ୍କ ଅଗ୍ରମ । ପଡ଼ନ୍ତି ପାଷାଣ କ୍ରମ । ॥

(୫) ମୁଖାରୀ । ୧୦ । ୧୦ + ୪ = ୪୦ ଅକ୍ଷର
ମୁନେ ବୋଲନ୍ତି ଶୁଣ ଶ୍ରୀରାମ । ଅମ୍ଭେ କହିବା ଏଥର ନାମ ।
କୁଶ ଜେତୁସେହେ କୁଶଲ୍ଭୂ । କୁଶ ବ୍ରହ୍ମାଙ୍କଠାରୁ ସମ୍ଭବ ।

(୬) ଦଣ୍ଡି । ଏକତାଳ । ୮ । ୮ X ୪ = ୩୨
ଚ୍ୟବନ ବୋଲନ୍ତି ବୀର । ତୁମ୍ଭେ ଅତି ସୁକୁମାର ।
ମହା ବଳିଷ୍ଠ ଅସୁର । କେମନ୍ତେ ହେବ ସଂହାର ॥ ବା । ସ୍ୱା ।

(୭) ଶଙ୍କର ବରଣ । ୫ । ୫ + ୪ = ୨୦ ଅକ୍ଷର
ବୋଲେ ମହୀରେ । ପ୍ରାଣସନ୍ଧରେ ।
ନଦେଖି ଛନ୍ନ । କୁପିତ ମନ । ବ । ସ୍ୱା ।

Digitized by srujanika@gmail.com

(୮) କଲ୍ୟାଣ । ଏକତାଳ । ୮ । ୮ X ୪ = ୩୨ ଅକ୍ଷର

ଜୟ ଜଗନ୍ନାଥ ବିଭୁ ଦୃଢ଼ାର । ଦେବ ଦେବ ସାରାଂଶ ।
ସ୍ମରଣ୍ଟୁ ମନ୍ଦ ଆଧାର । ବେଦ ପଣ୍ଡିତଙ୍କ ଗୃହାର । ୧

ଘୋଷା– କୋଦଣ୍ଡପାଣି ପ୍ରଭାଷ୍ଟ ସୁଧାର ସ୍ତୁତି ।

ଏମିତି ଘୋଷା ବ୍ୟତୀତ ୩୨ ଅକ୍ଷରରେ
ଏକ ପଦ ହୁଏ ।

(୯) ଚନ୍ଦ୍ରକୋଳ—୧୧ । ୧୧ X ୨ = ୨୨ ଅକ୍ଷର

କାର୍ତ୍ତି ଦାରୁଣ ଅକ୍ରୂର ଅକ୍ଷର ।
କଂଶ ଆଜ୍ଞା ଘେନି ସେପେ କହିଲେ ୧

(୧୦) କେଦାର ଚନ୍ଦ୍ରକେଳ । ୧୧ । ୧୧ X ୪ = ୪୪ ଅକ୍ଷର

ବଧମୁକ୍ତ ବନ୍ଧୁ ହାସ ପୀୟୂଷ ।
ସ୍ତୁତି ଚନ୍ଦ୍ର ଚକୋର ବୈକୁଣ୍ଠତୋଷ ।
କୁନ୍ଦ କୁମୁଦ ପ୍ରମୋଦ ବଢ଼ିଲା ।
ଲୋକ ଅନ୍ଧାରେ ବପଞ୍ଜ ଦଳିଲା । ୧ ପ୍ରେମସୁଧାନିଧି ।

(୧୧) ଭୂପାଳ । ୧୨ । ୧୨ X ୨ = ୨୪ ଅକ୍ଷର

ବସିଛନ୍ତି ଦଶରଥ ସଭାମଧ୍ୟେ ।
ବେଦବିସ୍ତ ଦ୍ୱାସ୍ଥକହେ ଅଭିହିତେ । ୧ ବୈଦେହୀବିଳାସ

(୧୨) ଦକ୍ଷିଣ କାମୋଦୀ । ୧୨ । ୧୨ X ୨ = ୨୪ ଅକ୍ଷର

ଶ୍ରୀରାମ ମଧୁର ମୂର୍ତ୍ତି ଦେଖି ରମା ।
ପଦ୍ମରଜ୍ଜ ପଣୀଙ୍କି ଜନକ କେମା । ୧ । • ବ ର

(୧୩) କେଦାର କାମୋଦୀ ୧୨ । ୧୨ X ୪ = ୪୮ ଅକ୍ଷର

ଘୋଷବାଟାଳି

ସ୍ୱର୍ଣ୍ଣ ପୁରେ କୁମ୍ଭକର୍ଣ୍ଣ ପ୍ରବେଶ ।
ଜର୍ଣ୍ଣ ମାଜ୍ୟ କଲେ ସବ ରାସ । ଦେ
ରାବଣକୁ ସେହେ ହେଲା ପ୍ରଣିପାତ ।
କୋଳକର ପାଶେ ବସାଇଲା ଦୈତ୍ୟ ସେ,

(୧୪) କଳହଂସ କେଦାର ୧୨ । ୧୨ X ୪ = ୪୮ ।

ଉଦ୍ଧରଣ କରନ୍ତା ରୋଳେ ମୁଖରେ
ଶେଷାନନ ହେଜାକୁ ବାଞ୍ଛେ ମୁଖନେ ।

Digitized by srujanika@gmail.com

ପଡ଼ଇ ଯେବେ ବେଳେ ସେନାରେ ।
ଶ୍ରୀନେନ୍ଦ୍ର ସୁମାନଙ୍କ ଗୁମାନ ସରେ ଯେ — ବ । ଚନ୍ଦ୍ରାମଣି ।

(୧୫) ଅଂଘ୍ରି ୧୨।୧୨ × ୨ = ୨୪ ଅକ୍ଷର

କର୍ଣ୍ଣଦେଇ ଶୁଣ ଅହେ ସାଧୁଜନେ ।
କୁମାରଙ୍କ ଜନମିଲ କେଶେ ଦିନେ ।

(୧୬) <u>ମଙ୍ଗଳ ଗୁଜ୍ଜରୀ</u> ୧୩।୧୩ × ୨ = ୨୬

ଏଥୁ ଅନ୍ତେ ପଶ୍ଚାତ ଶମ୍ଭୁଙ୍କୁ ଦେବୀ ।
ସୀତାଙ୍କ କଥା କହ ଶିବଙ୍କୁ ତୋଷ ବହି । — ଘ । ରାମାୟଣ ।

(୧୭) ଚେମଣ୍ଡା ୧୩।୧୩ × ୨ = ୨୬

ପଞ୍ଚ ଅଗ୍ର ଷଠୀଘର ଉତ୍ସବଗଲା ।
ଏକବିଂଶ ଦିବସ ପ୍ରବେଶ ହୋଇଲା । — ବ । ସ

(୧୮) ଅଦ୍ୱାଙ୍ଗ ୧୩।୧୩ × ୨ = ୨୬

ଦିନ ଅନ୍ତରେ ହେଲେ ଅନନ୍ଦ ମନରେ ।
ରାମ ସୀତା ବିହାର ନାଶି ନିରନ୍ତରେ । ୧ — ଲ । ଗ

(୧୯) ବଡ଼ଜ ଦେଶାକ୍ଷ ୧୩।୧୩ × ୨ = ୨୬

ଲବ କୁଶଙ୍କର ଶୋଭା ଦେଖିଣ ରାମ ।
ଦଶରଥ ବେନସୁତେ ଦ୍ୱିତୀୟ କାମ ୧

(୨୦) ଦେଶାକ୍ଷ ୧୩।୧୩ × ୨ = ୨୬

କରି ଦେବତାଙ୍କ କାର୍ଯ୍ୟ କରୁଣା ନିଧି ।
କଇତବେ ମାଇଙ୍କି କହିଲେ ପ୍ରବୋଧି । ୧ ।

(୨୧) ସଙ୍ଗମଣ୍ଡଅରି ବାଣୀ ୧୩।୧୩ × ୨ = ୨୬

କରସାଧୁ ଜନମାନେ ମନକୁ ଏକ ।
କରିଥିବେ ଧ୍ୟାନ ଜଳାଚନ ନାୟକ ୧ — ନୃ । କୋ

(୨୨) ମାଳବ ଗୌଡ଼ା -୧୪-୧୪ × ୨୮

ବୃତ୍ତି ହୀନ ଦ୍ୱାଦଶ ବରଷ ଜ୍ୟୋତିଷ ।
ବଡ଼ଚନ୍ଦ୍ରା ଲକ୍ଷ ଲୋମ ପାଦ ନରପତି ଯେ ୧ — ଜୈ । ଷ
ରାଗ ସମ୍ପୂର୍ଣ୍ଣ ହୋଇବାରୁ 'ଯେ' ବୋଲିବା
ଛାଡ଼ିଦେଇ ପାଠ କରିଯାଇ ଅଛି ।

(୨୩) <u>ମଙ୍ଗଳ ଗୁଜ୍ଜରୀ</u> ୧୪।୧୪ × ୨ = ୨୮

Digitized by srujanika@gmail.com

କାମନ ସନ ମୋହନ ହୋଇ ବୃନ୍ଦାବନରେ ।
ବଳାସ୍ତୁ ଲୋକ ପ୍ରେମି ଅଧେ ଭୁବନରେ ଯେ । ୧ ।　　ବୈ କଳାଧ
ବ୍ୟଗପୂର୍ଣ୍ଣ ପ୍ରକାଶ ଏଠାରେ 'ଯେ' ଅକ୍ଷର ଦିଆ ଯାଇଅଛି ।

(୨୪)　ଅଶାବରୀ ୧୪।୧୪ × ୨ = ୨୮

ବୃକ୍ଷଗଣ୍ଡ ପକାଇଲେ କପି ଯେତେ ଗିରି ।
ରତ୍ନାକର ନାଦରେ ଜଳ ସଂପୀଡ଼ିତ କରଯେ । ୧ ।　　ବୈ ବ

(୨୫)　ଗଳଘଣ୍ଟ କେଦାର ୧୪।୧୪ × ୨ = ୨୮ + ଯେ

କୋଇଲ ବସନ୍ତରେ ବଶୀଭୂତ ବାମାରେ ଲଙ୍କେଶ ଯେ ।
ଶତଶ୍ରୀ ଉତ୍ପତ୍ତି ଏକ୍ଷେତ୍ର ଗନ୍ଧ ନାଶଯେ । ୧ ।　　ବୈ ବ
ଯୋଷ ବିନା ପ୍ରଥମପାଦ ଚତୁର୍ଦ୍ଦଶାକ୍ଷର ମାତ୍ର ହେବାର
ପୂର୍ଣ୍ଣତା ଲାଗି ପ୍ରଥମ ପାଦର ଶେଷରେ 'ଯେ' ଦିଆ ଯାଇଅଛି ।

(୨୬)　ମଙ୍ଗଳ ୧୪।୧୪ × ୨ = ୨୮ + ହେ

ବର୍ଣ୍ଣନେ କବି ଅଶେଷ ଯେ ଏଁ ମନୋହର ।
କ୍ଷୀରଠାରୁ ରହିତରେ ବଞ୍ଜେଅର୍ଥୀ ହେବ ହେ ।　　ବୈ ବ

(୨୭)　ଭୈରବ-୧୪।୧୪ × ୨ = ୨୮

ବଳଯ୍ଗୀଯେ ଜଗତରେ କାତର ଜନମନେ ।
ବଳଯ୍ଗୀ ପଥେ ତୋଳିଲେ କଦମ୍ବ ସୁମନେ ।　　ବୈ ବ

(୨୮)　ମୁଖାରୀ ପଦ୍ମପଦ । ୧୪।୧୪ × ୨ = ୨୮

ପଶୁରାମ ଧନୁ ରୂପ ଧରାଧର ଦେଖି ।
ମନଦୁଃଖେ ମାନଭର ହେଲେ ଚନ୍ଦ୍ରମୁଖୀ ୧　　ବ ସ୍ତ

(୨୯)　ଶ୍ରୀଲପା ୧୪ ୪ × ୨ – ୨୮

ଶ୍ରୀରାମ ଲକ୍ଷ୍ମଣ ବିଶ୍ୱାମିତ୍ର ସଙ୍ଗେ ଯେନା ।
ଶାନ୍ତନୂର ପାଶେଷି ଅଇଲେ ଗଜମୁନି ।　　ବ । ରାମାୟଣ

(୩୦)　ମଙ୍ଗଳ-୧୪-୧୪ × ୨

ଶ୍ରୀରାମ ବଚନ ଶୁଣି ସୁଗ୍ରୀବ ଭୀଷଣ ।
ଦର୍ଶନ କଲେଯେ ଆସି ଶ୍ରୀରାମ ଚରଣ ।　　ବା । ସ୍ତ

(୩୧)　କଲ୍ୟାଣଗୌଡ଼ା-୧୪-୧୪ × ୨ + ଯେ

ଶ୍ରୀଦଯୋଗରେ ସରଳ ବନ୍ଦାପନା ଦଳ ।
ନବକ୍ଷୀ ଦନ କାନ୍ତି ଅକାନ୍ତ ଉଜ୍ଜଳ ଯେ ।

Digitized by srujanika@gmail.com

ପ୍ରେମ ସୁଧାନିଧି ।

ଶାଗପୂର୍ଣ୍ଣ ଜମକ୍ରେ 'ଯେ' ର ପ୍ରୟୋଗ ହୋଇ ଅଛି

(୩୨) ପଞ୍ଚମ ଚରିତ କଳପାବାଣୀ ୧୪।୧୪ X ୪ = ୫୬ + ଯେ

ସୁରଭିଙ୍କ ମାତା ଥାନେ ତୃଣ ପରିହରି ।
ସ୍ୱାମୀଜନକୁ ପ୍ରସନ୍ନ କଲାବୁଝୁଁଥ ଯେ ।
ନନ୍ଦନ୍ଦ୍ୟା କରନ୍ତି ପାତ୍ରେ ନାନା ତରୁଣୀଙ୍କ ।
ଯେଉଁଣ ସଙ୍ଗରେ ଇନ୍ଦ୍ର ସଖୀକୁ ଗଣିଙ୍କ ।   ସୁନ୍ଦରୀ ପରିଣୟ ।

ଶାଗପୂର୍ଣ୍ଣ ସକାଶ ଦ୍ୱିତୀୟ ପାଦରେ ମାତ୍ର 'ଯେ'
ପ୍ରୟୋଗ ହୋଇଅଛି ।

(୩୩) ବସନ୍ତ ଭୈରବ ୧୪।୧୪ X ୬ = ୮୪ + ଯେ

ମନକର୍ଣ୍ଣ ମହୋତ୍ସବ ଉପଶୁଣ ଜନ ।
ମୁକୁନ୍ଦ ଯେଉଁ ଗ୍ରାମକୁ ଯେନ ଅନ୍ତର୍ଯାନିଯେ ।
ମନୋହରପଥେ ଯାଉ ଗ୍ରହେ ବରଚନ ।
ମୁହିଁ ଚକୋର ଚନ୍ଦ୍ରମା ତୁ ଗୃହକୁ ଘନଯେ ।
ମାକନ୍ଦ ମଞ୍ଜରୀ ତୁହି ମୁହିଁ ପରଭୃତ ।
ମାଳତୀ କୁସୁମ ତୁଯେ ମୁଯେ ମଧୁବ୍ରତଯେ ।   ଛାନ୍ଦଭୂଷଣ ।

ଶାଗପୂର୍ଣ୍ଣ ସକାଶ ଦ୍ୱିତୀୟ ଚତୁର୍ଥ ଏବଂ ଷଷ୍ଠ
ପାଦରେ 'ଯେ' ପ୍ରୟୋଗ ହୋଇଅଛି ।

(୩୪) ପଞ୍ଚମମଞ୍ଜରୀ-୧୪-୧୪ X ୨ = ୨୮ + ଯେ

ଝଣେ ହୃଦୟରେ ମୁହିଁ କୁରୁକା ରମଣୀ ।
ଖଣ୍ଡାନ୍ତ କାର୍ତ୍ତ ଗୁରୁସୁତ ଯମ୍ବୁରୁ ଆଣିଯେ ।   ଛାନ୍ଦଭୂଷଣ ।

ଶାଗପୂର୍ଣ୍ଣ ସକାଶ ଦ୍ୱିତୀୟ ଚରଣରେ ଯେ ।
ପ୍ରୟୋଗ ହୋଇ ଅଛି

(୩୫) ବସନ୍ତକେଶୀ-୧୬-୧୬ X ୨ = ୩୨

ଯେଉଁ ସେବକ ବଚନ
ମାନ କାକରିଥିଲେ ।
ଯାଚଣେ ହେବ ସ୍ଥିତ
ଜନ ଦୂରେ ଗଲେ ।
ରସିକ ହାରାବଳୀ ।

Digitized by srujanika@gmail.com

(୩୬) ମୃଗ ତାଳ-୧୭-୧୭×୪=୬୮

ସ୍ୱଜନ ଦୂଷା କାଳସଦୃଶା ବରଷା କାଳ ଗର୍ଜି ।
ଏବେ ଏତ୍ର ସଜଲ ଗୃହ କରଇ ପଣ୍ଡ ମର୍ଦ୍ଦି ।
କାନ୍ତ ବିଦେଶୀ ମୋତେ ଉପେକ୍ଷି ବେଦନା ସଞ୍ଚରେ ।
କେବେ ପଟେଶ ଛେକବଦେଶ ଅଂପନ୍ନ ସିନାଏବେ ।

ରସିକ ହାରାବଳୀ

(୩୭) କୁସୁମାମୋଦୀ-୧୮-୧୮×୨=୩୬

ମସ୍ତକ ରଚନ ସଚନ ଉଜ୍ଜ୍ୱଳ କଞ୍ଚକ ଛକର ।
ଉଲ୍ଲଂଘ ଭମପ ଗଜଦରବଣ ପବନ କନ୍ଦର ।

ଅବନା ରସ ତରଙ୍ଗ

(ଖ) କୁସୁମାମୋଦୀ-୧୮-୧୮×୪=୭୨

ଯେଉଁ ରୂପେ ଧରେ ମୂର୍ତ୍ତି ସୁଧାଖଣ୍ଡେ ବଣେଯେ ଦମ୍ପତି ।
ଯେଉଁ ରୂପେ ଅସେ ପୁରଭେ ମୋ ମନେ ମନେଯେ ପଞ୍ଚ ହୁ ।
ଯେଉଁ ରୂପେହାସେ ବଚନକର୍ଣ୍ଣେବ ଏଙ୍ଗଣ କହୁନ୍ତି ।
ତେବେ ଅନନ୍ତ ଶୀ-ତଳବରୁଅଛି ଏତେର ଦହୁଛି । ଲ । ବ ।

(୩୮)କ ବଙ୍ଗଳାଶ୍ରୀ-୨୦-୨୦×୨=୪୦

ଭ୍ରୂଲତ ନାଗେନ୍ଦ୍ର ପକ୍ଷିଗଣସେନ ଗମନେ କରନ୍ତେ ରଙ୍ଗେ ।
କମଳ ସ୍ୱଭାବ ଅଙ୍ଗ ଗୃହପାଶ ବେଢ଼ି ଉଡ଼ନ୍ତି ଛନ୍ଦେ । ର । କ ।

(ଖ) ବଙ୍ଗଳାଶ୍ରୀ-୨୦-୨୦×୪=୮୦

ବୋଇଲେ ସୀତା ଶୀତାଂଶୁ ମୁଖୀ ଏକ ଦିନେ ଅଛ ଦନ ହୋଇ ।
ବାହୁ ବହଲ ବନବାସ କାଯରେ ନ ପଡ଼ ହେଜାର ଯାଇ ।
କାଳପାଇ ଯଥା ଅଳକାଛଡ଼ାଇ ଭସ୍ମରଙ୍କୁ କମଣାନେ,
ବାହୁଙ୍କୁ ରତନ-ପଲ୍ୟଙ୍କ ଛଡ଼ାଇ ଜଡ଼ାଇ ସର୍ପ ଶଯ୍ୟନେ । ବୈ । ର ।

(୩୯) ମାନଭୂପାଳ-୨୨-୨୨×୨=୪୪

ହର ମନୋରଥ ସର୍ବ ପୁରୁଷାର୍ଥ ଲାଗି
ଅବଚିନ୍ତ୍ୟ ମହାଟେକ୍ତି
ହରବନ୍ଧନାଥ ପରମପଦାର୍ଥ ଅଶେଷ ଖେଦ୍ଦ ଶାସ୍ତ୍ରବନ୍ଦ
ବାଦଶ୍ଚ ଚନ୍ଦ୍ରାମଣି ।

ମାନଭୂପାଳ ଛନ୍ଦର ନାମାନ୍ତର 'ପୋଇ' ।

Digitized by srujanika@gmail.com

(୪୦) ବସ୍ତୋତ୍ତଂଶଶେଖର ଛନ୍ଦ : ୨୩ । ୨୩ × ୨ = ୪୬

ଏହି ଛନ୍ଦର ନାମକରଣ ପର୍ଯ୍ୟନ୍ତ ହୋଇ ନାହିଁ । ଉତ୍ତପୂର୍ବେ କୌଣସି କବି ଏହି ଛନ୍ଦରେ ପଦ୍ୟ ଲେଖିଥିବା ଜଣା ଯାଉନାହିଁ ମାତ୍ର ବର୍ତ୍ତମାନ ଅଷ୍ଟାଦଶ କବି ରାଧାନାଥ ରାୟ ଏହି ଛନ୍ଦରେ ପଦ୍ୟ ଲେଖି ଅଛନ୍ତି । "କବିତାବଳୀ" ରେ ତାଙ୍କ ଉଦ୍ଦୀପ୍ତି ବାକ୍ୟ ନାମକ ପଦ୍ୟ ଦେଖନ୍ତୁ ।

ଉଠ ଉଠ ଅହେ ସମ ଯୋଧଗଣ,
ଧରେ କର ଧାଳ ଖଣ୍ଡ ସମରେ ।
ଦେଖ ଦେଖ ଦୂରେ ଆସୁଛି ଯବନ,
ଧାଉଁଛି କେତନ ବାୟୁ ଲହରେ ।
କବିତାବଳୀ ।

(୪୧) ଭୂପାଳ - ୨୪ - ୨୪ × ୨ = ୪୮

ଧୀର ଚକୋର ଅନନ୍ଦ ବରଧନ ଚନ୍ଦ୍ର ଏ ଛନ୍ଦ ରସ ସଞ୍ଚାରସାର ।
ସାରସ୍ୱତୀ ରାଧିକା ସୁପ୍ରେମା ରାଧିକା ସଦନେ ହୋଇ କାନ୍ତଚର ।
ବସନ୍ତ ଚନ୍ଦ୍ରାମଣି

(୪୨) ବସ୍ତୁପଙ୍କ୍ତି ନ ଥିବା ବଚନ ଦେଖାଇ । ୨୬।୨୬ × ୨ = ୫୨ ।

ହକ୍କା ନାଦେକ ତର୍ଜ୍ଜନ, କରୁଛି ମାର ଗର୍ଜନ,
ବ୍ୟାଜ ଏ ଘନ ଗର୍ଜ୍ଜନ ଶୁଣେହେ ।
ଦ୍ରୁମ ନୃହଇ ବାରଣ – ଗଡ ତରଣ ଶରଣବନା
କାରଣ କାହିଁଛି ପୃଣହେ ।
ଛନ୍ଦ ଭୂଷଣ

ଉଗ ପୃଷ୍ଠ ସକାଶ ପ୍ରତିପାଦରେ 'ହେ' ପ୍ରୟୋଗ ହୋଇଅଛି ।
ବିଷମ ଛନ୍ଦମାନଙ୍କ ନାମ ନିମ୍ନରେ ପ୍ରଦତ୍ତ ହେଲା ।

(୧) ମୁନିବରବାଣୀ—(୮ × ୩ + ୫) = ୨୯ ଅକ୍ଷର

ପ୍ରଥମ ତୃତୀୟପାଦ ସହିତ ଦ୍ୱିତୀୟ ପାଦର ଏବଂ ଚତୁର୍ଥପାଦ ସହିତ ଚତୁର୍ଥ ପାଦର ମିତାକ୍ଷର ମିଳନ ।
ଯଥା—ରୁଷି ଶୃଙ୍ଗଯାଗ କଲେ । ଦେବତା ସନ୍ତୋଷହେଲେ ।
ପୂର୍ଣ୍ଣ ଅହୁତିର ଶେଷେ । ଜାତ ପୁରୁଷେ । ୧ । ବ ସ

(୨) ଲକ୍ଷ୍ମି ଅଗ - (୮ × ୨ + ୨୦) = ୩୬ ଅକ୍ଷର

ପ୍ରଥମ ଦୁଇ ପାଦ ଅଠର ଅକ୍ଷର ଏବଂ ଦ୍ୱିତୀୟ ପାଦ କୋଡିଏ ଅକ୍ଷର ।

Digitized by srujanika@gmail.com

ପ୍ରଥମପାଦ ସହିତ ଦ୍ୱିତୀୟ ଓ ତୃତୀୟର ମିଳନ ।

ସମ୍ପୂର୍ଣ୍ଣ ମଧ୍ୟଭାଗ ତୃତୀୟ ପାଦର ଶେଷରେ 'ହେ' ପ୍ରୟୋଗ ହୋଇଅଛି ।

ଯଥା ମୃଗଗୋଳେ ଗଣ୍ଡାଶ୍ରମ । ଦର୍ଶନ୍ତୁ ଜଣ ଉତ୍ତମ ।

ଚତୁର୍ଦ୍ଦଶଲୋକେ ବେଦ ହୋଇଛି ପଣ୍ଡିତ ପାବନ ନାମହେ ।

ବି । ରାମାୟଣ ।

(୩) ବଙ୍ଗଳ କାମୋଦୀ—(୧୧×୨+୭×୩)=୪୩

ପ୍ରଥମ ଦୁଇପାଦ ଏଗାର ଏଗାର ଅକ୍ଷର ଏବଂ ଶେଷ ତିନିପାଦ ସାତ ସାତ ଅକ୍ଷର । ଏହିପରି ପାଞ୍ଚପାଦରେ ଗୋଟିଏ ପଦ ହୁଏ । ପ୍ରଥମ ଓ ଦ୍ୱିତୀୟର ମିଳନ ଏବଂ ତୃତୀୟ ଚତୁର୍ଥ ଓ ପଞ୍ଚମର ମିଳନ ।

ଯଥା— ଶ୍ରୀରାମ ପ୍ରତିଜ୍ଞା ଶୁଣି ଶ୍ରବଣେ ।
ଲଙ୍କେ ଲକ୍ଷ୍ମଣ ବୀର ନୃପଗଣେ ।
ତାଙ୍କ ତେଜ ତପନ । ଦହଇ ରିପୁବନ । ଶତଚନ୍ଦ୍ର ସମାନ ।

ବି । ରା ।

(୪) ଚକ୍ରା ଭୈରବ—(୧୦×୨+୨୨)+ଘୋଷା=୪୨ ।

ପ୍ରଥମ ଦୁଇପାଦ ଦଶ ଦଶ ଅକ୍ଷର ଏବଂ ତୃତୀୟ ପାଦ ବାଇଶି ଅକ୍ଷର । ତିନିପାଦର ଶେଷାକ୍ଷର ମିତାକ୍ଷର ଅଟେ ।

ଯଥା—ଅହୋ ଧନୁର୍ଦ୍ଧର ବୀରବର ।
ଧନୁ ଶର ନଥିଲା କର ।
ଯାହାର ବାଣ ବ୍ରହ୍ମାଣ୍ଡ ଦହିପାରେ
ତାଙ୍କୁ ମାଇଲା ଦୁଃଶାସ୍ତ୍ର ଛର ଚିତ୍ର । ଦଇ ।

ବୈ । ସ୍ତ୍ରୀ

ବିନା ଘୋଷାରେ ଏହି ଛନ୍ଦର ଚଗ ପୂର୍ଣ୍ଣ ହୋଇ ନପାରେ, ଅତଏବ ଘୋଷା ଆବଶ୍ୟକ ।

(୫) ରାଗ କାଫି—(୧୨+୧୮)=୩୦

ପ୍ରଥମ ପାଦ ୧୨ ଅକ୍ଷର ଓ ଦ୍ୱିତୀୟ ପାଦ ୧୮ ଅକ୍ଷର

ଲକ୍ଷ୍ମୀ ନାମେ ବିଭୀଷଣ ଦୁହିଣୀ ।
ପ୍ରାଣୁ ଅଧିକ ହିତ ବହାସ ସେ ଜାନକୀଙ୍କ ମିତଣୀ ।

କାଫି ବି ରା

(୬) ଲକ୍ଷ୍ମଣଜିତ କହଣ କାର୍ଯ୍ୟସିଦ୍ଧି । ହରବୀର ।

Digitized by srujanika@gmail.com

ଅମ୍ବର ମାଗବାକୁ ସେ କଲେଯେଧ । ବ ଷ୍ଟ

ପ୍ରଥମ ଓ ଦ୍ୱିତୀୟପାଦ ସମାନ ବାର ଅକ୍ଷର ମାତ୍ର ପ୍ରଥମ ପାଦରେ "ଦଶରଥୀର" ବୋଲି ଗୋଟିଏ ଯୋଗ ଅଛି । ଏହିଛନ୍ଦ ଦ୍ୱାଦଶାକ୍ଷର ଗଣାରୁ ଅଧିକ ପର ବୋଧ ହେଉଅଛି ।

(୬) ଗ୍ରନ୍ଥିଆଷ୍ଟା ଶ୍ଳୋକ-(୬+୮+୧୮

ପ୍ରଥମ ପାଦ ଛଅ, ଦ୍ୱିତୀୟ ପାଦ ଆଠ ଏବଂ ତୃତୀୟ ପାଦ ଅଠର ଅକ୍ଷର । ଏହି ତିନିପାଦର ଶେଷାକ୍ଷର ମିତ୍ରାକ୍ଷର ଅଟେ ।

ଯଥା—କପିକୁଳ ସାଇଁ । ଗିରିମୂର୍ଦ୍ଧନରେ ଥାଇ ।

ମନରେ ବହୁତ କୋପଜାତ କଲେ ଲଙ୍କାକୁ ଅନାଇ ।

(୭) ଚନ୍ଦ୍ରବୋଲି ବୃତ୍ତ-(୫×୨+୧୧)=୨୧ ଅକ୍ଷର

ପ୍ରଥମ ଦୁଇପାଦ ପାଞ୍ଚ ପାଞ୍ଚ ଅକ୍ଷର ଏବଂ ତୃତୀୟପାଦ ଏଗାର ଅକ୍ଷର । ତିନି-ପାଦର ଶେଷାକ୍ଷର ମିତ୍ରାକ୍ଷର ଅଟେ ।

ଯଥା—କପିଙ୍କ ବାଣୀ । ରାବଣ ଶୁଣି ।

ବୋଲଇ କେମନ୍ତେ କହିଁଲେ ପୁଣି । ବ । ସ୍ୱ ।

(୮) ଅଷାଢ଼ଶୁକ୍ଳ-(୧୧×୪+୬+୧୧)=୬୧

ପଞ୍ଚମ ପାଦ ଛଅ ଅକ୍ଷର ଅନ୍ୟ ଅନ୍ୟ ପାଞ୍ଚପାଦ ଏଗାର ଏଗାର ଅକ୍ଷର । ଏହିପରି ଛଅ ପାଦରେ ଗୋଟିଏ ପଦ ହୁଏ । କ୍ରମରେ ପ୍ରଥମ ସହିତ ଦ୍ୱିତୀୟର ତୃତୀୟ ସହିତ ଚତୁର୍ଥର ଏବଂ ପଞ୍ଚମ ସହିତ ଷଷ୍ଠର ମିଳନ ହୁଏ ।

ଯଥା—ସୁଗ୍ରୀବ ଲକ୍ଷ୍ମଣ ଜାମ୍ବବ ହନୁ ।

ଅଙ୍ଗଦ ନଳ ନୀଳ ଚନ୍ଦ୍ର ସୂନୁ ।

ଗବୟ ଗବାକ୍ଷ ଦୁର୍ଦ୍ଧିନବୀର ।

ସୁଷେଣ ପନସ ସରଭ ବୀର

ସେମାନଙ୍କୁ ଘେନ ।

ବାହୁରନ୍ତି ରାମ ଲକ୍ଷ୍ମଣ ବେନ । ବ । ସ୍ୱ ।

(୯) ଗୁପ୍ତି (୨୯×୨+୯+୧୩)=୮୦

ପ୍ରଥମ ଦୁଇପାଦ ଊନତ୍ରିଂଶ ଅକ୍ଷର ତୃତୀୟପାଦ ନଅ ଏବଂ ଚତୁର୍ଥ ପାଦ ତେର ଅକ୍ଷର । ଏହିପରି ଚାରିପାଦରେ ଗୋଟିଏ ପଦହୁଏ । ପ୍ରଥମ ସହିତ ଦ୍ୱିତୀୟର ଏବଂ ତୃତୀୟ ସହିତ ଚତୁର୍ଥର ମିତ୍ରାକ୍ଷର ମିଳନ ।

ଯଥା—ତରଙ୍ଗଭଙ୍ଗ ବାଧୁ ଜଳ ମାନେ ମନେ ଏକଧ୍ୟାନ, ବର୍ଣ୍ଣଦେବ

Digitized by srujanika@gmail.com

କମଳ ନୟନ କଥାକୁ ।
କଳା କଲୁଷ ପଣ୍ଟା ଉପରେ କର ପସାର,
ପଶସୁ ନଥାନ୍ତ କାଳ ଦଣ୍ଡ କଥାକୁ ।
କଳାକରେ ଅଙ୍କାର ପ୍ରାପ୍ତ ।
କୃଷ୍ଣକଥା ଶ୍ରବଣରେ ଦୁରନ୍ତଘ୍ନ । ୧ । ଉ । କ

(୧୦) ଚୌଷ୍ଟିକ=(୨୧×୨+୧୪+୨୧)=୭୭

ବୃତ୍ତିଯୁଗପାଦ ଚୌଦ ଅକ୍ଷର ଅନ୍ୟ ଅନ୍ୟ ଭିନ୍ନପାଦ ସମାନ ଏକୋଇଶ ଅକ୍ଷର । ଏହାପର ପ୍ରତ୍ୟେକ ପାଦରେ ଗୋଟିଏ ପଦଲୁଏ । ପ୍ରଥମ ସହିତ ଦ୍ୱିତୀୟର ଏବଂ ତୃତୀୟ ସହିତ ଚତୁର୍ଥର ମିତ୍ରାକ୍ଷର ମିଳନ ।

ଯଥା—ଶଙ୍କାକଡକୁ ଅଣାଇଣ ରାବଣ କହଇ ପ୍ରଶଂସା କରଣ ।
ସୁରପତିକ ଧର ଅଣିଲୁ ଜାଣ ଜାଣଇ ତୋର ବୀରପଣ ।
ଅହେ କୁମାର ରାମ ଲକ୍ଷ୍ମଣଙ୍କୁ ସଂହାର ।
ତୋର ବଳ ତାଙ୍କୁ ଜାଣିବାକୁ ନାହିଁ ଲଙ୍କା ଭିତରେ ଏଡ଼େ ବୀର

(୧୧) ବତ୍ସରଣ—(୨୭×୨+୧୦+ଘୋଷା+୨୭)=୮୮+ଘୋଷା ।

ବୃତ୍ତିଯୁଗପାଦ ଘୋଷା ବ୍ୟତୀତ ଦଶ ଅନ୍ୟ ଅନ୍ୟ ଭିନ୍ନ ପାଦ ସମାନ ଛବିଶ ଅକ୍ଷର । ଏହାପର ପ୍ରତ୍ୟେକ ପାଦରେ ଗୋଟିଏ ପଦଲୁଏ । ପ୍ରଥମ ସହିତ ଦ୍ୱିତୀୟର ଏବଂ ତୃତୀୟ ସହିତ ଚତୁର୍ଥର ମିଳନ ।

ଯଥା—ଶୋକେ କହେ ହନୁମାନ ରାମଙ୍କୁ କର ଦର୍ଶନ
କହିଲା ସେ ଯୁବର ବଯାନ ।
ରାବଣ କୋଷ୍ଟକନନ, ସୀତାଙ୍କୁ ବସାଇଯାନ,
ଅଶୋକେ କରୁଥିଲେ ରୋଦନ ।
ରାମ ଦେବ ହେ । ଖଡଗରେ ଭେକଖଣ୍ଡକଲା ।
ଯହିଁପାଇଁ କଲ ରଣ, ତାର ଦେଖିଲ ମରଣ,
ଏଡ଼େ ରଣ ଅକାରଣ କହିଲା । ୧ । ବା । ସ ।

(୧୨) ଗଜମାଳଥ ବୃତ୍ତ-(୮×୨+୨୦+ଘୋଷା) ୩୬

ପ୍ରଥମ ଦୁଇପାଦ ସମାନ ଆଠ ଆଠ ଅକ୍ଷର ଏବଂ ବୃତ୍ତିଯୁଗପାଦ ଘୋଷା ଛଡ଼ା କୋଡ଼ିଏ ଅକ୍ଷର ।

ଯଥା—ଶୁଣହେ ରାମ ରାଜନ, ଅତି ରହସ୍ୟ ବଚନ
ରାବଣ ସ୍ତବ କରନ୍ତେ ସଦାଶିବ ତାହା ହୋଇଲେ ପ୍ରସନ୍ନ ।

Digitized by srujanika@gmail.com

ଶୁଣହେ ରାମ । ୧ ।
ବା । ଘ ।

ପ୍ରଥମ ଦ୍ୱିତୀୟ ଓ ତୃତୀୟ ପାଦର ମିତାକ୍ଷର ମିଳନ ।

(୧୩) ଝିଙ୍କ୍‌ଡା—(୨୦×୨+୨+୧୦×୩+ହେବା ସେ)=୭୬

